Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:4+ 21 April 2026 (Tuesday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୪+୨୧ ଏପ୍ରିଲ ୨୦୨୬ (ମଙ୍ଗଳବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ଯୋଡ଼ିହେଲା ନୂଆ ଅଧ୍ୟାୟ:

ପ୍ରଥମ ଥ୍ରିଡି ଗ୍ଲାସ୍ ସଲ୍ୟୁସନ୍ ପ୍ରକଳ୍ପର ଶିଳାନ୍ୟାସ

ଭୁବନେଶ୍ୱର,୨୦/୪(ନି/ପ୍ର): ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ଆଉ ପାଦେ ଆଗକୁ ବଢ଼ିଛି। ଇନ୍‌ଫୋ ଭ୍ୟାଲି-୨ରେ ରବିବାର ବିଶ୍ୱର ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ଥ୍ରିଡି ଗ୍ଲାସ ସଲ୍ୟୁସନ୍ସର ଅତ୍ୟାଧୁନିକ ଗ୍ଲାସ୍ ସବଷ୍ଟ୍ରେଟ୍ ପ୍ୟାକେଜିଂ ୟୁନିଟ୍‌ର ଶିଳାନ୍ୟାସ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ, ଆଇଟି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଛନ୍ତି। ପ୍ରାୟ ୨ ହଜାର କୋଟି ଟଙ୍କାର ନିବେଶରେ ହେବାକୁ ଥିବା ଏହି ପ୍ରକଳ୍ପରେ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ୍, ୫୦ ନିୟୁତ ଆସେମ୍ବଲଡ୍ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡିଏଚ୍‌ଆଇ ମଡ୍ୟୁଲ ଉତ୍ପାଦନ ହେବ। ଏହାଦ୍ୱାରା ରାଜ୍ୟରେ ୨୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ ଯେ ଆଜିର ଦିନଟି କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ପ୍ରଯୁକ୍ତିଗତ ନେତୃତ୍ୱ ଯାତ୍ରା ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ଥ୍ରିଡି ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ସୃଷ୍ଟି କରିବ। ଏଠାରେ ଉତ୍ପାଦିତ ଉପକରଣଗୁଡ଼ିକ କୃତ୍ରିମ ବୁଦ୍ଧିମତା, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରରେ ଉପଯୋଗ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ଇଣ୍ଟେଲ୍, ଲକହିଡ୍ ମାର୍ଟିନ ଏବଂ ଆପ୍ଲାଏଡ ମ୍ୟାଟେରିଆଲ୍ସ ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ ଥ୍ରିଡି ଗ୍ଲାସ୍ ସଲ୍ୟୁସନ୍ସ ସହ ଯୋଡ଼ିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି ବୋଲି ସେ କହିଥିଲେ। ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏ ପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି। ରିର ପାୱାର ଇଲେକ୍ଟ୍ରୋନିକ୍ସ ଓ ସିକ୍‌ସେମ୍ ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଭିଜନ୍‌ରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଂଚପ୍ୟାଡ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ ଯୋଗାଯୋଗ ଏବଂ ରେସ୍ପନସିଭ୍ ଗଭର୍ଣ୍ଣାନ୍ସ ଭଳି ୫ଟି କାରଣ ପାଇଁ ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗର ସମୟ। ସେମାନେ ନିଜକୁ ଦକ୍ଷ କରି ଏହି ଉଦୀୟମାନ କ୍ଷେତ୍ରରେ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ଯୁବପିଢ଼ିକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଓଡ଼ିଶା ଏକ ଆଦର୍ଶ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହୋଇଛି। ଆମ ପାଖରେ ସମ୍ବଳ ଅଛି, ପ୍ରତିଭା ଅଛି, ଭିତ୍ତିଭୂମି ଅଛି, ସଂକଳ୍ପ ଅଛି। ଆଗାମୀ ଟେକ୍ନୋଲୋଜି ଗଢ଼ିବାକୁ ଚାହୁଁଥିଲେ ଓଡ଼ିଶା ଆପଣଙ୍କ ଗନ୍ତବ୍ୟସ୍ଥଳ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଓଡ଼ିଶା ଆଇଟି ଏବଂ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ କେନ୍ଦ୍ର ରୂପେ ବିକଶିତ ହେଉଛି। ଆଜି ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି ତାହା ବିଶ୍ୱର ସବୁଠୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରକଳ୍ପ। ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ସହ ଜଡ଼ିତ ଆଉ ତିନୋଟି ପ୍ରକଳ୍ପ ମଧ୍ୟ ଓଡ଼ିଶାରେ କାର୍ଯ୍ୟକାରୀ ହେବାକୁ ଯାଉଛି।

ଶକ୍ତିଶାଳୀ ଭୂକମ୍ପରେ ଥରିଲା ଜାପାନ; ସୁନାମୀ ପାଇଁ ଆଲର୍ଟ



ଟୋକିଓ,୨୦/୪: ଶକ୍ତିଶାଳୀ ଭୂକମ୍ପରେ ଥରିଲା ଜାପାନ। ସୋମବାର (ଏପ୍ରିଲ ୨୦) ଜାପାନରେ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂମିକମ୍ପ ପରେ, ସୁନାମି ପାଇଁ ଚେତାବନୀ ଜାରି କରାଯାଇଛି। ମଧ୍ୟାହ୍ନରେ ଜାପାନରେ ୭.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ରିକ୍ଟର ସ୍କେଲରେ ଏହା ରେକର୍ଡ କରାଯାଇଥିବା ବେଳେ ଜାତୀୟ ପ୍ରସାରକ ଏନଏଚକେ ଅନୁଯାୟୀ, ସୋମବାର ଉତ୍ତର ଜାପାନରେ ଘଟିଥିବା ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୪ ରେକର୍ଡ କରାଯାଇଛି। ଏହି ଶକ୍ତିଶାଳୀ ଭୂମିକମ୍ପ ପରେ ଉପକୂଳବର୍ତ୍ତୀ ଅଚଂଳ ପାଇଁ ସୁନାମି ଚେତାବନୀ ଜାରି କରାଯାଇଛି। ଅଧିକାରୀମାନେ ସତର୍କ କରାଇ ଦେଇଛନ୍ତି ଯେ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ଲହଡ଼ି ଆସିପାରେ। ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରାଯାଇଛି। ଏହି ସମୟରେ, ଜରୁରୀକାଳୀନ ସେବା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଧିକାରୀମାନେ ସମ୍ଭାବ୍ୟ କ୍ଷୟକ୍ଷତିର ଆକଳନ କରିବା ସହିତ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

ଛତିଶଗଡର ଏକ ଜଙ୍ଗଲରେ ବିମାନ ଦୁର୍ଘଟଣା, ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ଜାରି

ନୂଆଦିଲ୍ଲୀ,୨୦/୪: ଛତିଶଗଡ଼ର ଜଶପୁର ଜିଲ୍ଲାର ନାରାୟଣପୁରର ରତନପାହାଲି ଜଙ୍ଗଲରେ ଗଛରେ ପିଟି ହୋଇ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଖୁରାସଗଡ଼ା ଗାଁ ନିକଟରେ ଉଦ୍ଧାର କାର୍ଯ୍ୟ ସମୟରେ ଜଙ୍ଗଲରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳକୁ ଏକ ଉଦ୍ଧାରକାରୀ ଦଳକୁ ପଠାଯାଇଛି। ରିପୋର୍ଟ ଅନୁସାରେ, ବିମାନଟି ଭୂମିରୁ ପ୍ରାୟ ୩୦ ଫୁଟ ଉଚ୍ଚରେ ଉଡୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଜଶପୁର ପୋଲିସ ଅଧିକ୍ଷକ (ଏସପି) ଆନୁଷ୍ଠାନିକ ଭାବରେ ବିମାନ ଦୁର୍ଘଟଣା ସମ୍ପର୍କରେ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି, 'ମୁଁ ବର୍ତ୍ତମାନ ଘଟଣାସ୍ଥଳରେ ପହଂଚୁଛି, ତେଣୁ ବର୍ତ୍ତମାନ କିଛି କହିବା କଷ୍ଟକର।' 'ପ୍ରକୃତରେ, ଏହା ଏକ ଘରୋଇ ବିମାନ ଭାବରେ ରିପୋର୍ଟ କରାଯାଉଛି। ତଥାପି, ଏଥିରେ କେତେ ଲୋକ ଥିଲେ ସେ ବିଷୟରେ ସୂଚନା ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ। ପୋଲିସ ଏବଂ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଚିଂଛନ୍ତି। ଘଟଣା ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଅମରଜିତ ଭଗତ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଲେଖିଛନ୍ତି, 'ଜଶପୁରର ପାହାଡ଼ରେ ଚାର୍ଟର୍ଡ ବିମାନ ଦୁର୍ଘଟଣାର ଖବର ଅତ୍ୟନ୍ତ ଦୁଃଖଦ ଏବଂ ଚିନ୍ତାଜନକ। ଏହା କେବଳ ଏକ ଘଟଣା ନୁହେଁ; ଏଥିରେ ଅନେକ ପରିବାରର ଆଶା ଏବଂ ଭାବନା ଜଡିତ।' ସେ ଆହୁରି ଲେଖିଛନ୍ତି, 'ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସମସ୍ତେ ସୁରକ୍ଷିତ ରୁହନ୍ତୁ।

କଟକରେ ଅଖିମୁଠି ଅନୁକୂଳ କଲେ

ସିଏମ୍ କିଷାନ୍ ଟଙ୍କା ବି ବାଟିଂଲେ ମୁଖ୍ୟମନ୍ତ୍ରୀ

କଟକ,୨୦/୪(ନି/ପ୍ର): ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଆଜି କଟକର ସିଆରଆରଆଇରେ ଅଖିମୁଠି ଅନୁକୂଳ କରିଛନ୍ତି। ଅଖିମୁଠି ଅନୁକୂଳ ହେବା ପୂର୍ବରୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁ ତରାଇ, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ଶ୍ରୀତମ୍ ଦାସ ପ୍ରମୁଖ ବି ଉପସ୍ଥିତ ଥିଲେ। ଏଠାରେ ମୁଖ୍ୟମନ୍ତ୍ରୀ ଜମିରେ ହଳଲଙ୍ଗଳ ଧରି ହଳ ବି କରିଥିଲେ। ଏଣେ ରାଜ୍ୟସ୍ତରୀୟ କୃଷକ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ୍ ଟଙ୍କା ବାଟିଂଛନ୍ତି। ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ପଠାଯାଇଛି। ଏହାଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଉପକୃତ ହେବେ।

ଗଭୀର ଘାଟିକୁ ଖସିଲା ବସ୍, ୧୨ ମୃତ

ନୂଆଦିଲ୍ଲୀ,୨୦/୪: ଜମ୍ମୁ କାଶ୍ମୀରର ଉଧମପୁର ଜିଲ୍ଲାର ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଗଭୀର ଘାଟିକୁ ଖସିପଡିଛି। ଏଥିରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଅଧିକାରୀଙ୍କ କହିବାନୁଯାୟୀ ଦୁର୍ଘଟଣାଟି ସକାଳ ପ୍ରାୟ ୧୦ଟାରେ ଘଟିଥିଲା। ବସ୍ ଟି ଜମ୍ମୁରୁ ଶ୍ରୀନଗର ଅଭିମୁଖେ ଯାଉଥିଲା। ଉଧମପୁର ରାମବନ-ବାନିହାଲ ରାସ୍ତାରେ ଏହି ଅଘଟଣ ଘଟିଛି। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଚିଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଆହତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି।

ଶାନ୍ତି ଆଲୋଚନାକୁ ଶକ୍ତ ଧକ୍କା:

ଇସଲାମାବାଦ ବୈଠକକୁ ଆସିବନି ଇରାନ, ଆମେରିକାର ସର୍ତ୍ତକୁ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୨୦/୪: ଇରାନ ଏବଂ ଆମେରିକା ମଧ୍ୟରେ ଏଣିକି ଭୀଷଣ ଯୁଦ୍ଧ । ଯୁଦ୍ଧ ନିଆଁରେ ଆହୁରି ଜଳିବ ମଧ୍ୟପ୍ରାଚ୍ୟ । କାରଣ ଆମେରିକାର ଶାନ୍ତି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛି ଇରାନ । ପାକିସ୍ତାନରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଯୁଦ୍ଧ ବିରତି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛି ଇରାନ । ବୈଠକରେ ଭାଗ ନେବାକୁ ସିଧା ସିଧା ମନା କରିଦେଇଛି । ଏଥିପାଇଁ ସେ ଆମେରିକାକୁ ଦାୟୀ କରିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅତ୍ୟଧିକ ଦାବି ଏବଂ ଅସ୍ତ୍ରବିରତି ଉଲ୍ଲଘଂନ ପାଇଁ ଶାନ୍ତି ଆଲୋଚନାରୁ ଇରାନ ଦୂରେଇ ରହିବ ବୋଲି ସ୍ପଷ୍ଟ କରିଛି । ଇରାନର ସରକାରୀ ସମ୍ବାଦ ସଂସ୍ଥା ଓଜଘଇ ପକ୍ଷରୁ କୁହାଯାଇଛି, ବର୍ତମାନ ପରିସ୍ଥିତିରେ ଦୁଇ ଦେଶ ମଧ୍ୟରେ ଆଗାମୀ ଆଲୋଚନା ପାଇଁ କୌଣସି ଯୋଜନା ନାହିଁ। ଆମେରିକା ଅତ୍ୟଧିକ ଦାବି, ବଦଳୁଥିବା ଯୁଦ୍ଧ ସ୍ଥିତି, ନିରନ୍ତର ମତବାଦ, ଆମେରିକା ନୌସେନାର ନାକାବନ୍ଦୀ ଏବଂ ହର୍ମୁଜ ଇରାନ ଜାହାଜକୁ ଆକ୍ରମଣ ଯୁଦ୍ଧ ବିରତି ଆଲୋଚନାରେ ବାଧକ । ଏହାଛଡ଼ା ଯୁଦ୍ଧ ଘନଘଟା ଭିତରେ ବର୍ତମାନ ପରିବେଶ ସକାରାତ୍ମକ ନୁହେଁ ଏବଂ ଏଥିରୁ କୌଣସି ଫଳପ୍ରଦ ନିଷ୍କର୍ଷ ବାହାରିବାର ସ୍ପଷ୍ଟ ସମ୍ଭାବନା ଦେଖାଯାଉନାହିଁ ବୋଲି କହିଛି ତେହରାନ । ସେପଟେ ପାକିସ୍ତାନର ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବ ବୋଲି ଯେଉଁ ଖବର ଆସୁଥିଲା, ତାହାକୁ ମଧ ଓଜଘଇ "ମିଡିଆ ଗେମ୍" ବୋଲି କହି ଖଣ୍ଡନ କରିଛି । ପାକିସ୍ତାନରେ ଥିବା ଇରାନର ରାଷ୍ଟ୍ରଦୂତ ରେଜା ଆମିରି ମୋଘାଦାମ କହିଛନ୍ତି, ଆମେରିକା ଆନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କରି ଚାପ ସୃଷ୍ଟି କରୁଛି । ନୌସେନା ନାକାବନ୍ଦୀ ଚାଲିଥିବା ପର୍ଯ୍ୟନ୍ତ କୌଣସି ଶାନ୍ତି ହେବା ନାହିଁ ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି ।

ଯୁଦ୍ଧର ଖର୍ଚ୍ଚ ବହନ କରୁ ଆମେରିକା, ନଚେତ୍ କାରବାର ଡଲାର ବଦଳରେ ହେବ ୟୁଆନରେ:

ଟ୍ରମ୍ପଙ୍କୁ ୟୁଏଇର ଧମକ

ତେହରାନ,୨୦/୪: ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ, ଏପରି ଖବର ସାମ୍ନାକୁ ଆସୁଛି ଯାହା ଡୋନାଲ୍ଡ ଟ୍ରମ୍ପଙ୍କ ସମସ୍ୟାକୁ ଆହୁରି ବଢ଼ାଇପାରେ। ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ମଧ୍ୟପ୍ରାଚ୍ୟକୁ ଆମେରିକାଠାରୁ ଦୂରେଇ ରହିବାକୁ ବାଧ କରିଛି । ଏହାର ସଦ୍ୟତମ ଉଦାହରଣ ହେଉଛି ଯେ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଯୁଦ୍ଧ ଆରମ୍ଭ ପାଇଁ ୱାସିଂଟନକୁ ଦାୟୀ କରିଛି ଏବଂ ଆମେରିକାକୁ ଯୁଦ୍ଧର ଖର୍ଚ୍ଚ ବହନ କରିବାକୁ ଦାବି କରିଛି। ପରିସ୍ଥିତି ଆହୁରି ଖରାପ ହେଲେ ଡଲାରରୁ ୟୁଆନକୁ ସ୍ଥାନାନ୍ତରିତ ହେବା ନେଇ ଚେତାବନୀ ଦେଇଛି। କାରଣ ସ୍ପଷ୍ଟ ଯେ, ଏହି ଯୁଦ୍ଧ ୟୁଏଇ ସମେତ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶର ସମ୍ପତ୍ତିକୁ ବିପୁଳ କ୍ଷତି ପହଚାଂଇଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲର ଖବର ଅନୁଯାୟୀ, ୟୁଏଇ ଇରାନ ଯୁଦ୍ଧରେ ହୋଇଥିବା କ୍ଷତି ପାଇଁ ଆମେରିକାଠାରୁ ଆର୍ଥିକ ଗ୍ୟାରେଟିଂ ମାଗିଛି । ଏହି ଦାବି ୱାସିଂଟନ ପାଇଁ ଆର୍ଥିକ ସଙ୍କଟର ଦ୍ୱାର ଖୋଲିପାରେ ବୋଲି କୁହାଯାଉଛି। କାରଣ ଅନ୍ୟ ଉପସାଗରୀୟ ଦେଶଗୁଡ଼ିକ ମଧ କ୍ଷତିପୂରଣ ପାଇଁ ପଛକୁ ପଛ ଧାଡ଼ିରେ ସାମିଲ ହୋଇପାରନ୍ତି । ଏହି ଯୁଦ୍ଧ ଆମେରିକା ପାଇଁ ଏକ ମହଙ୍ଗା ବ୍ୟାପାର ହେବାକୁ ଯାଉଛି। କାରଣ ଯୁଦ୍ଧ ପରବର୍ତ୍ତୀ ପୁନଃନିର୍ମାଣରେ ବିପୁଳ ପରିମାଣରେ ଖର୍ଚ୍ଚ ହେବ। ରିପୋର୍ଟ ଅନୁଯାୟୀ, ଫେବ୍ରୁଆରି ୨୮ରେ ଇରାନ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ପ୍ରତିଦିନ ୮୯୦ ନିୟୁତ ଡଲାରୁ ୧ ବିଲିୟନ ଡଲାର ଖର୍ଚ୍ଚ କରିଛି। ଇସ୍ରାଏଲ ଏପର୍ଯ୍ୟନ୍ତ ମୋଟ ୧୧.୨ ବିଲିୟନ ଡଲାର ଖର୍ଚ୍ଚ କରିଛି, ଯାହାର ଅଧାରୁ ଅଧିକ ୬.୨ ବିଲିୟନ ଡଲାର କେବଳ ପ୍ରଥମ ୨୦ ଦିନରେ ଖର୍ଚ୍ଚ ହୋଇଛି। ଯୁଦ୍ଧ ପରବର୍ତ୍ତୀ ଖର୍ଚ୍ଚରେ ସାଉଦି ଆରବ ଭଳି ଉପସାଗରୀୟ ଦେଶଗୁଡ଼ିକରେ ବେସାମରିକ ଏବଂ ଶକ୍ତି ଭିତ୍ତିଭୂମି ମରାମତି ଅନ୍ତର୍ଭୁକ୍ତ। ଯାହା ୬୦ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଏଥିମଧ୍ୟରୁ କେବଳ ତୈଳ ଏବଂ ଗ୍ୟାସ୍ ସୁବିଧା ପୁନଃନିର୍ମାଣ ପାଇଁ ୫୦ ବିଲିୟନ ଡଲାର ଆବଶ୍ୟକ ବୋଲି କୁହାଯାଉଛି। ଉପସାଗରୀୟ ଦେଶଗୁଡ଼ିକ ମଧ୍ୟରେ, ୟୁଏଇ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଇରାନୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଯୋଗୁଁ ଦୁବାଇର ଫେୟାରମଂଟ ଦିପାମ୍ ହୋଟେଲ୍ ଏବଂ ଫୁଜୈରାହ ତୈଳ ରପ୍ତାନି ଟର୍ମିନାଲ ଭଳି ଶକ୍ତି ସୁବିଧାଗୁଡ଼ିକୁ ବହୁତ କ୍ଷତି ପହଚିଂଛି। ଦୁଇଟି ଆମାଜନ ଡାଟା ସେଣ୍ଟର ମଧ କ୍ଷତିଗ୍ରସ୍ତ ହୋଇଛି, ଯାହା ଫଳରେ ସମଗ୍ର ଅଚଂଳରେ ବ୍ୟାଙ୍କିଂ ସମ୍ବନ୍ଧୀୟ କ୍ଲାଉଡ୍ ସେବା ଏବଂ କମ୍ପ୍ୟୁଟିଂ ସୁବିଧା ବାଧାପ୍ରାପ୍ତ ହୋଇଛି।

ଆମେରିକା-ଇରାନ ଅଚଳାବସ୍ଥା ଯୋଗୁଁ ବୃଦ୍ଧି ପାଇଲା ତୈଳଦର

ନୂଆଦିଲ୍ଲୀ,୨୦/୪: ସୋମବାର ଇରାନ ଏବଂ ଆମେରିକା ମଧ୍ୟରେ ଅଚଳାବସ୍ଥା ଯୋଗୁଁ ଏସୀୟ ସେୟାର ବଜାର ସହ ଅନ୍ତର୍ଜାତୀୟ ସ୍ତରରେ ତୈଳ ଦର ବୃଦ୍ଧି ପାଇଛି। ଆମେରିକାର ବେଂଚମାର୍କ ଅଶୋଧିତ ତୈଳ ୫.୬% ବୃଦ୍ଧି ପାଇ ପ୍ରତି ବ୍ୟାରେଲ ପିଛା ୮୭.୨୦ ଡଲାରରେ ପହଚିଂଛି। ଆନ୍ତର୍ଜାତୀୟ ମାନଦଣ୍ଡ ବ୍ରେଂଟ ଅଶୋଧିତ ତୈଳ ୫.୩% ବୃଦ୍ଧି ପାଇ ବ୍ୟାରେଲ ପିଛା ୯୫.୧୬ ଡଲାର ହୋଇଛି। ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ବୃଦ୍ଧି ପାଇବା ସହ ତୈଳ ମୂଲ୍ୟ ଏବଂ ଷ୍ଟକ୍ ବୃଦ୍ଧି ପାଇଛି। ଇରାନ ହର୍ମୁଜ୍ ପ୍ରଣାଳୀକୁ ପୁଣିଥରେ ଖୋଲିବା ନିଷ୍ପତିକୁ ପ୍ରତ୍ୟାହାର କରିବା ପରେ ଏହି ଉତେଜନା ଦେଖା ଦେଇଛି। ପାରସ୍ୟ ଉପସାଗର ଜଳପଥ ପୁଣି ବନ୍ଦ ହୋଇଛି। ଇରାନ ବନ୍ଦରଗୁଡ଼ିକ ଉପରେ ଆମେରିକାର ନୌସେନା ଅବରୋଧ ଜାରି ରହିଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।



ୟୁପି ନିର୍ବାଚନ ନେଇ ଅଖିଳେଶଙ୍କ ବଡ଼ ରାଜନୈତିକ ଘୋଷଣା:

ଏସ୍‌ପି-କଂଗ୍ରେସ ମେଂଟ ଲଢ଼ିବ ୨୦୨୭ ବିଧାନସଭା ନିର୍ବାଚନ

ଲକ୍ଷ୍ନୌ,୨୦/୪: ଉତର ପ୍ରଦେଶର ରାଜନୈତିକ ଦୃଶ୍ୟପଟ ୨୦୨୭ ପାଇଁ ସ୍ଥିର ହୋଇସାରିଛି। ସମାଜବାଦୀ ପାର୍ଟି(ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଆଗାମୀ ସମୟରେ ରାଜ୍ୟର ରାଜନୀତି କେଉଁ ଦିଗକୁ ନେବ ତାହା ସ୍ପଷ୍ଟ କରିଦେଇଛନ୍ତି। ଅଖିଳେଶ ମଧ ମେଂଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ହରିୟାଣାର ରେୱାଡ଼ିରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଖିଳେଶ ଯାଦବ ଦଳର ବିଜୟ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରି ଦିଲ୍ଲୀରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ରାଜନୈତିକ ବିତର୍କକୁ ମଧ ଦୋହଲାଇ ଦେଇଛନ୍ତି। ବିରୋଧୀ ଏକତାକୁ ନେଇ କଳ୍ପନାଜଳ୍ପନା ଚାଲିଥିବା ସମୟରେ ମେଂଟ ସମ୍ପର୍କରେ ତାଙ୍କର ବଡ଼ ମନ୍ତବ୍ୟ ଆସିଛି। ସାମ୍ବାଦିକମାନଙ୍କ ସହ କଥାବାର୍ତା କରି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ସମାଜବାଦୀ ପାର୍ଟି ଆସନ୍ତା ବର୍ଷ ନିର୍ବାଚନ ପରେ ଉତର ପ୍ରଦେଶରେ କ୍ଷମତାକୁ ଏକ ବଡ଼ ପ୍ରତ୍ୟାବର୍ତନ କରିବ। ସେ ବିଜେପିକୁ ସମାଲୋଚନା କରିବା ସହିତ ପଶ୍ଚିମବଙ୍ଗ ସମେତ ବର୍ତମାନ ବିଧାନସଭା ନିର୍ବାଚନ ହେଉଥିବା ସମସ୍ତ ରାଜ୍ୟରେ ଏକ ଦଳର ବଡ଼ ଧରଣର ପରାଜୟ ପୂର୍ବାନୁମାନ କରିଛନ୍ତି। ମେଂଟର ଭବିଷ୍ୟତ ବିଷୟରେ ନେଇ ବାରମ୍ବାର ହେଉଥିବା ବିତର୍କର ଅନ୍ତ ଘଟାଇ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇଣ୍ଡିଆ ମେଂଟ ଏକଜୁଟ ରହିବ। କଂଗ୍ରେସ ସହିତ ଏସ୍‌ପି ମେଂଟ କରି ନିର୍ବାଚନ ଲଢ଼ିବ। ମେଂଟରେ ଆସନ ଭାଗବଟାଂ ଅପେକ୍ଷା ପ୍ରାର୍ଥୀଙ୍କ ଜିତିବାର କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ। ସେ ସ୍ପଷ୍ଟ କରିଛନ୍ତି, ଟିକେଟ ପ୍ରଦାନର ଆଧାର କେବଳ ପ୍ରାର୍ଥୀଙ୍କ ଜିତିବା କ୍ଷମତା ହେବ। ଏହା ସୂଚିତ କରିଛି ଯେ, ବିରୋଧୀ ଦଳ ଆଗାମୀ ନିର୍ବାଚନରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ଏଡାଇ କେବଳ ବିଜୟ ଲକ୍ଷ୍ୟ ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି। ଲକ୍ଷ୍ନୌରେ ଦଳୀୟ ମୁଖ୍ୟାଳୟରେ ଭାଷଣରେ, ଅଖିଳେଶ ଯାଦବ ବିଜେପିର କାର୍ଯ୍ୟଶୈଳୀକୁ ଟାର୍ଗେଟ କରି କହିଥିଲେ ଯେ, ବିଜେପି ଶାସକ ଦଳର ବିଭାଜନ କରିବା ପୁରୁଣା ରଣନୀତି ଉପରେ କାର୍ଯ୍ୟ ଜାରି ରଖିଛି। ବିଜେପି ପ୍ରଥମେ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ବୀଜ ବୁଣେ ଏବଂ ପରେ ସେମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି ପରସ୍ପର ବିରୋଧରେ ଠିଆ କରାଉଛି। ଭୟର ବାତାବରଣ ସୃଷ୍ଟି କରିବା ବିଜେପିର ସମର୍ଥନ ହାସଲ କରିବାର ପ୍ରାଥମିକ ପଦ୍ଧତି ପାଲଟିଛି। ବିରୋଧୀ ଦଳ ଲୋକଙ୍କ ସ୍ୱର ଏବଂ ସରକାରଙ୍କ ଏହି ବିଭାଜନକାରୀ ନୀତିଗୁଡ଼ିକୁ ଲୋକଲୋଚନକୁ ଆଣିବା ପ୍ରୟାସ ଜାରି ରଖିବ। ମହିଳା ସଂରକ୍ଷଣ ବିଲ୍ ଉପରେ ଦୃଢ଼ ମତ ପ୍ରକାଶ କରି ସେ ଦାବି କରିଛନ୍ତି, ଜନଗଣନା ସମାପ୍ତ ନହେବା ପର୍ଯ୍ୟନ୍ତ ବିଲ୍ ଉପରେ ଆଲୋଚନା ଅର୍ଥହୀନ। ସେ ସିଧାସଳଖ ବିଜେପି ଉପରେ ମହିଳା ଭୋଟରଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି। ଦେଶର ମହିଳାମାନେ କ୍ରମଶଃ ସଚେତନ ହୋଇଛନ୍ତି। ମୁଦ୍ରାସ୍ଫୀତି, ଶୋଷଣ ଏବଂ ସାମାଜିକ ଚାପ ଭଳି ମୌଳିକ ସମସ୍ୟା ସହିତ ଜଡ଼ିତ ଅଧା ଜନସଂଖ୍ୟା ଏବେ ଏପରି ବିଭାଜନକାରୀ ରାଜନୀତିର ଜବାବ ଦେବେ। ଅଖିଳେଶଙ୍କ ଏହି ବକ୍ତବ୍ୟ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ସେ ସାମାଜିକ ଏବଂ ରାଜନୈତିକ ଉଭୟ କ୍ଷେତ୍ରରେ ୨୦୨୭ ନିର୍ବାଚନ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ପୁରୁଣା ବଜାରକୁ ଖଣି ପ୍ରଭାବିତ ଅଂଚଳରେ ସାମିଲ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର,୨୦/୪(ନି/ପ୍ର):ଓଡିଶା ଖଣି ନିଗମର ଶୁଆକାଟିରେ ଥିବା ଗନ୍ଧମାର୍ଦନ ଲୌହ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେଉଥିବା ପୁରୁଣା ସହର ବାସୀଙ୍କୁ ଓଡିଶା ଖଣି ନିଗମ ଦ୍ୱାରା କୌଣସି ସୁବିଧା ସୁଯୋଗ ଦିଆଯାଉ ନଥିବା ପ୍ରତିବାଦରେ କେନ୍ଦୁଝର ସଦର ମହକୁମାର କାଳୀ ପଡିଆଠାରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ପୁରୁଣା ସହର ଅଂଚଳର ବରିଷ୍ଠ ନାଗରିକ ନବ କିଶୋର ସାହୁ ପ୍ରକାଶ କରିଛନ୍ତି ଯେ, ଗନ୍ଧମାର୍ଦନ ଖଣି ପ୍ରଭାବିତ ଅଂଚଳ ମଧ୍ୟରେ କେନ୍ଦୁଝଗଡ ପୁରୁଣା ସହରର ଅଧିକାଂଶ ଅଂଚଳ, ବିଶେଷକରି ୧,୨ ଓ ୩ ନମ୍ବର ୱାର୍ଡର ଅଧିବାସୀମାନେ ପ୍ରଭାବିତ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ, ଅଧିବାସୀଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାଇ ଦିଆଯାଇଥିବା ସୁବିଧା ସୁଯୋଗ ପ୍ରଦାନ କରାଯାଇ ନାହିଁ ଓ ଏ ସମ୍ବନ୍ଧରେ ଗତ ୦୩.୧୧.୨୦୨୫ ରିଖ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କ୍ଷତିଗ୍ରସ୍ତ ଅଧିବାସୀମାନେ ଏକ ମିଳିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏପରିକି କେନ୍ଦୁଝଗଡ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଆଶୁ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ନିର୍ବାହୀ ଅଧିକାରୀ ଏ ବିଷୟରେ ଗୁରୁତ୍ୱ ନଦେଇ କୌଣସି ପଦକ୍ଷେପ ନେଇନାହାନ୍ତି । କ୍ଷତିଗ୍ରସ୍ତ ଅଧିବାସୀମାନଙ୍କର ଏହାମଧ୍ୟରେ ବାରମ୍ବାର ବୈଠକ ଆହୁତ ହୋଇ, କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଆଜି କାଳୀ ପଡିଆଠାରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି କେନ୍ଦୁଝର ସଦର ବିଧାୟକ ତଥା ଓଡିଶାର ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି । ପୁରୁଣା ସହର ବାସୀଙ୍କ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଦାବିମାନ ଲୋକଙ୍କ ମୁଖ୍ୟମନ୍ତ୍ରୀ ଅବିଳମ୍ବେ ପୂରଣ କରିବା ଗନ୍ଧମାର୍ଦନ ଖଣି ପ୍ରଭାବିତ ଅଂଚଳ ଭାବରେ ପୁରୁଣା ସହରର ୧, ୨ ଓ ୩ ନମ୍ବର ୱାର୍ଡକୁ ସାମିଲ କରାଯାଉ ଓ ଖଣି କ୍ଷତିଗ୍ରସ୍ତ ଅନ୍ୟ ଅଂଚଳ ବାସୀମାନେ ଯେପରି ଓଏମସି ଖଣି ଓ ସରକାରଙ୍କ ଠାରୁ ଯେଉଁ ସୁବିଧାମାନ ପାଉଛନ୍ତି ତାହା ଏହି ଅଂଚବାସୀଙ୍କୁ ଅବିଳମ୍ବେ ପ୍ରଦାନ କରାଯାଉ ବୋଲି ଦାବୀ କରିଛନ୍ତି ।ଏହି ଆନ୍ଦୋଳନ ଓ ଦାବୀପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ଶ୍ରୀ ସାହୁଙ୍କ ବ୍ୟତୀତ ପୁରୁଣା ସହରର ନାଗରିକ ସତ୍ୟବ୍ରତ ପାଢ଼ୀ, ବିଶ୍ୱଜିତ ପଟ୍ଟନାୟକ, ଆଦିତ୍ୟ ବେଜ, ଜିତେନ୍ଦ୍ର କୁମାର ପତି, ଦେବେନ୍ଦ୍ର ସ୍ୱାଇଁ, ପ୍ରଭୁପଦ ମିଶ୍ର, ଅନ୍ତର୍ଯ୍ୟାମୀ ପତି, ଆଶିଷ କୁମାର ଶର୍ମା, ସତ୍ୟେନ୍ଦ୍ର କର, ପ୍ରଶାନ୍ତ ଦ୍ୱିବେଦୀ, ସତ୍ୟଜିତ୍ ମିଶ୍ର, ବିଶ୍ୱନାଥ ବାରିକ, ରତ୍ନାକର ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

ଝୁଙ୍ଗା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ

କେନ୍ଦୁଝର,୨୦/୪(ନି/ପ୍ର): ହରିଚନ୍ଦନପୁର ବ୍ଲକ ଝୁଙ୍ଗା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଅଧିବାସ ଦିବସରେ ଗ୍ରାମ ପାଖ କାନ୍ଝିର ନଦୀରୁ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିବା ବେଳେ ପୂଜକ ନରେନ୍ଦ୍ର ନନ୍ଦ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ଗଦାଧର ନାଏକ ସଂକଳ୍ପରେ ବସିଥିବା ବେଳେ ବିଦ୍ୟାଧର ନାଏକ ତାଙ୍କୁ ସହଯୋଗ କରିଥିଲେ । ବହୁ ଦୂର ଦୁରାନ୍ତରୁ ତଥା (୧) ବାଲିତୋଟା (ମୟୁରଭଞ୍ଜ) (୨) ମତା (ଝିଅ ଦଳ) (୩) ବେଗନା (ଝିଅ ଦଳ)(୪) ବାରକୋଟ (ଅନୁଗୁଳ) (୫)ଝୁଙ୍ଗା ଗ୍ରାମର କୀର୍ତନ ଦଳ ଏଥିରେ ଯୋଗ ଦେଇଥିଲେ । ଏହି ଚବିଶ ପ୍ରହର ନାମ ଯଜ୍ଞରେ ରାମ ନାମ ଶ୍ରବଣ କରିବା ପାଇଁ ନିତ୍ୟାନନ୍ଦପୁର, ଧାନବେଣୀ, ବକ୍ସିବାରିଗାଁ, ଓସ୍ତପଙ୍ଗା, ବଲାଣି ପଶି, କାଳିମାଟି, ଝୁଙ୍ଗା, କାବେରୀପସୀ, ଭଗମୁଣ୍ଡା, ନଇଗୋଡା, ଦୁଆରସୁଣୀ ପ୍ରଭୃତି ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଅନୁଷ୍ଠାନର ସଦସ୍ୟ ରମେଶ ମହାରଣା, ସଞ୍ଜୟ ମହାରଣା, ଲକି ଜିତ, ତରଣୀସେନ ନାଏକ, ଅଭିମନ୍ୟୁ ନାଏକ, ଅଶୋକ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଚମ୍ପୁଆ,୨୦/୪(ନି/ପ୍ର): ଚମ୍ପୁଆ ଥାନା ରିମୁଳି ଫାଣ୍ଡି ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥ ଆଙ୍ଗୁଳିଆ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ଜଣା ପଡିଛି । ସୂଚନା ଅନୁସାରେ, ଗତକାଲି ରାତି ପ୍ରାୟ ୮ଟା ସମୟରେ ଆଙ୍ଗୁଳିଆ ଗ୍ରାମର ଚୈତନ୍ୟ ମହାନ୍ତ (୩୮) କୌଣସି କାମରେ ଗାଁ ଛକକୁ ଯାଇଥିଲେ । ତେବେ ସେ ଚାଲି ଚାଲି ଯାଉଥିବାବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ଗାଡି ଧକ୍କାରେ ଚୈତନ୍ୟ ଛିଟିକି ପଡିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁବରଣ କରିଥିଲେ । ପରେ ସ୍ଥାନୀୟ ଲୋକ ଘଟଣା ସମ୍ପର୍କରେ ଜାଣିପାରି ରିମୁଳି ଫାଣ୍ଡିକୁ ଖବର ଦେଇଥିଲେ । ଖବର ପାଇ ରିମୁଳି ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ । ଆଜି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଜାରି ରଖିଥିବା ଜଣାଯାଇଛି ।

ପାଟଣାରେ ଅଗ୍ନିସେବା ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ ଓ ମକ ଡ୍ରିଲ

କେନ୍ଦୁଝର,୨୦/୪(ନି/ପ୍ର): ପାଟଣା ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଏପ୍ରିଲ ୧୪ରୁ ୨୦ ତାରିଖ ଯାଏ ଅଗ୍ନିସେବା ସପ୍ତାହ ୨୦୨୬ ପାଳନ କରାଯାଉଛି । ଏହି ଅବସରରେ ୧୪ ତାରିଖରେ ପାଟଣାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଜି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବିଭାଗ ପକ୍ଷରୁ ମକ ଡ୍ରିଲ କରାଯାଇଥିଲା । ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଉଦ୍ଧାର ପ୍ରକ୍ରିୟାରେ ଅଗ୍ନିକାଣ୍ଡ ନିୟନ୍ତ୍ରଣ ଉପରେ ଅଗ୍ନିଶମ ବାହିନୀ ତରଫରୁ ପ୍ରଦର୍ଶନ କରାଯାଇଥିଲା । ଗୁରୁବାର ଡୁମୁରିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମକ ଡ୍ରିଲ ଜରିଆରେ ଅଗ୍ନିକାଣ୍ଡ ନିୟନ୍ତ୍ରଣ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ପ୍ରଦର୍ଶନ ଗତ ଶିକ୍ଷା ଦିଆଯାଇଥିଲା । ଅଗ୍ନିଶମ ସେବା ସପ୍ତାହ କାର୍ଯ୍ୟକ୍ରମକୁ କେନ୍ଦ୍ରଧିକାରୀ ଗୌର ମୋହନ ହେମ୍ବ୍ରମଙ୍କ ନେତୃତ୍ୱରେ ଅଗ୍ନିକର୍ମଚାରୀ ହାବିଲଦାର ବିଜୟ କୁମାର ନାୟକ, ଫାୟାର ମ୍ୟାନ ତରୁଣ କୁମାର ନାୟକ, ଦୁର୍ଯ୍ୟୋଧନ କିଷାନ, ବିନାୟକ ବେହେରା, ଅନୀଲ କୁମାର ପାଣିଗ୍ରାହୀ ଓ ଐଶର୍ଯ୍ୟ ନାଏକ ପ୍ରମୁଖ ପରିଚାଳନା କରିଥିଲେ । ଆଗାମୀ ୨୦ ତାରିଖ ଯାଏ ବିଭିନ୍ନ ସ୍ଥାନରେ ମକ ଡ୍ରିଲ ଚାଲିବ ବୋଲି ସୂଚନା ମିଳିଛି ।

ମାଙ୍କଡ ଆତଙ୍କରେ ଦାମୋଦର ଆହତ

ଭଦ୍ରକ,୨୦/୪(ନି/ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଟିଲୋ ତାଳପଦା ଗ୍ରାମରେ ମାଙ୍କଡ ଆତଙ୍କ ସମସ୍ତଙ୍କୁ ଭୟଭୀତ କରିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏଠାରେ ଏହି ଗ୍ରାମର ଦାମୋଦର ବାରିକ ନିଜ ଗ୍ରାମର କେତେକ ବନ୍ଧୁଙ୍କ ସହ ନିକଟ ଚକ୍ରତୀର୍ଥକୁ ପରିଭ୍ରମଣରେ ଯାଇଥିଲେ । ସେଠାରେ ସେମାନେ ପ୍ରକୃତିର ମନୋଲୋଭା ଦୃଶ୍ୟ ଦେଖିସାରିବା ପରେ ଏକାଠି ହୋଇ ଖାଉଥିବା ସମୟରେ ହଠାତ୍ ଏକ ମାଙ୍କଡ ଆସିସେମାନଙ୍କ ଖାଦ୍ୟକୁ ଝାମ୍ପି ନେବାର ଉଦ୍ୟମ କରିଥିଲା । ଫଳରେ ଦାମୋଦର ବାଧା ଦେବାରୁ ମାଙ୍କଡ଼ଟି ହିଂସ୍ର ହୋଇ ତାଙ୍କୁ ଆକ୍ରମଣ କରିଥିଲା । ମାଙ୍କଡ଼ଟି ତାଙ୍କ ଅଂଟାକୁ ଏଭଳି ଭାବେ କାମୁଡ଼ି ଧରିଥିଲା ଯେ, ସେଠାରୁ ରକ୍ତସ୍ରାବ ହୋଇଥିଲା ସାଙ୍ଗରେ ଥିବା ଅନ୍ୟ ବ୍ୟକ୍ତିମାନେ ଦାମୋଦରଙ୍କୁ ମାଙ୍କଡ଼ ମୁହଁରୁ ଉଦ୍ଧାର କରି ତୁରନ୍ତ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ତାଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯିବା ସହ ଆଂଟି-ରାବିସ ଇଞ୍ଜେକ୍ସନ ଦିଆଯାଇଛି । ବର୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ । ଅନ୍ୟ ବ୍ୟକ୍ତିମାନେ ଦାମୋଦରଙ୍କୁ ମାଙ୍କଡ଼ ମୁହଁରୁ ଉଦ୍ଧାର କରି ତୁରନ୍ତ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତିକରିଥିଲେ ।

ଘଟଗାଁ ମା ତାରିଣୀଙ୍କ ଚୈତ୍ର ପର୍ବରେ ଆଦିତ୍ୟ ବାହିନୀର କରସେବା : ସାଧାରଣରେ ପ୍ରସଂଶା

କେନ୍ଦୁଝର,୨୦/୪(ନି/ପ୍ର): କେନ୍ଦୁଝର ଜିଲ୍ଲାର ଆରାଧ୍ୟା ଦେବୀ ପୀଠ, ଘଟଗାଁ ଠାରେ ଚଳିତ ମାସ ୯ ତାରିଖରେ ଆରମ୍ଭ ହୋଇ ୧୫ ତାରିଖରେ ଚୈତ୍ର ପର୍ବ,୨୦୨୬ ଉଦଯାପନ ହୋଇଯାଇଛି । ଏହିପର୍ବ ରେ ମା ଙ୍କ ପୀଠ ରେ ଲକ୍ଷ ଲକ୍ଷ ମତୃଭକ୍ତ ସମାଗମ ହୋଇଥିଲେ, ଏଥିପ୍ରତି ସଜାଗ ହୋଇ ମନ୍ଦିର ଟ୍ରଷ୍ଟ, ପୋଲିସ ବିଭାଗ, ସ୍ଥାନୀୟ ପ୍ରଶାସନ, ସହ ବୁଦ୍ଧିଜୀବୀ,ବିଭିନ୍ନ ସ୍ୱେଚ୍ଛାସେବୀ, ଆଧ୍ୟାତ୍ମିକ ସଂଗଠନର ସଭ୍ୟା ଙ୍କ କର ସେବା ଦ୍ୱାରା, ମା ତାରିଣୀଙ୍କ ମନ୍ଦିର ବେଢ଼ା,ଭିତରବେଢା କୁ ସ୍ୱଚ୍ଛତା ରଖା ଯାଇଥିଲା, କର ସେବକ ସେବିକା ମାନେ ବଜାର, ସତ୍ୟନାରାୟଣ, ପାଲା ମଣ୍ଡପ ପରିସର ସଫେଇକରି ସ୍ୱଚ୍ଛତା ରଖୁ ଥିଲେ, ଭିଡ଼ ସମୟରେ ଓ ସଂକ୍ରାନ୍ତି ବା ମହାବିଷୁବ ପଣା ସଂକ୍ରନ୍ତି ଦିନ ପ୍ରତୁଷ ରୁ ରାତ୍ରୀ ଯାଏ ସମସ୍ତ ଭକ୍ତ ବା ଶ୍ରଦ୍ଧାଳୁ ମା , ତାରିଣୀ ଙ୍କ ସୁନାବେଶ ଦର୍ଶନ ଦର୍ଶନ ଓ ଶୃଙ୍ଖଳା ଦର୍ଶନ ନିମନ୍ତେ ସମସ୍ତ ସରକାରୀ ବିଭାଗ, ବ୍ୟବସ୍ଥା ଥିବା ବେଳେ ସେବା ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲେ । ଆଦିତ୍ୟ ବାହିନୀ ର ଏହି ସେବା କାର୍ଯ୍ୟକୁ ସାଧାରଣ ରେ ପ୍ରଶଂସା କରାଯାଇଚି । ସେହି କ୍ରମରେ ଶ୍ରୀମଦ୍ ଜଗଦ୍ଗୁରୁ ସଙ୍କରାଚାର୍ଯ୍ୟ ପୀଠ, ପୁରୀ ପୀଠ ପରିଷଦଙ୍କ ଦ୍ୱାରା ପରିଚାଳିତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ର ସଭ୍ୟ ସଭ୍ୟା ଘଟଗାଁ ଠାରେ,କର ସେବା ପ୍ରଦାନ କରିଥିଲେ, ଆମ୍ବୁଲାନ୍ସ ଯୋଗେ ହଠାତ୍ ଅସୁସ୍ଥ ହେବା,ରୋଗି ଙ୍କୁ ଶିବ ମନ୍ଦିର ପରିସରରୁ ନେଇ ଘଟଗାଁ, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚା ଯିବା ପରେ ଚିକିତ୍ସା କରାଯାଉଥିଲା , ଆଦିତ୍ୟ ବାହିନୀ,ପୁରୀ ରୁ ଆସି ସେବାପ୍ରମୁଖ ଭାବେ, ସତ୍ୟଜିତ ବେଜ୍, ଘଟଗାଁ ଶାଖା ସେବା ଓ ସଂଯୋଜକ ତପନ କୁମାର ବେହେରା, କେନ୍ଦୁଝର କ୍ଷେତ୍ରୀୟ ସମ୍ପାଦକ ପ୍ରହ୍ଲାଦ ମହାନ୍ତ ଙ୍କ ଦିଗ୍ ଦର୍ଶନ ରେ ମା ତାରିଣୀଙ୍କ ଭିତର ବେଢ଼ା ସଫା ସୁତୁରା ରଖୁ ଥିବା, ଦେଖା ଯାଇଥିଲା, ଧାଡ଼ିରେ ଯାଇ, ଭକ୍ତ, ଶ୍ରଦ୍ଧାଳୁ, ସାଧାରଣ ଦର୍ଶନ ନିମନ୍ତେ ମା'ଙ୍କ ଦର୍ଶନ ପାଇଁ କରସେବକ ଓ ସେବା ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ସେବା ଦେବା ସହ ବଡ଼ ଯାନ ରେ ମା ଙ୍କ ସାମଗ୍ରୀ, ଆସୁଥିବା ପିଇବା ପାଣି ବୋତଲ କୁ ବୁହା ଯାଇ ଯଥା ସ୍ଥାନରେ ରଖାଯିବା ଆଦି କାମ କୁ ମିଳିତ ଭାବେ ନେଇ ସେବା ଯୋଗାଇ ପ୍ରଶଂସା ପତ୍ର ମା ତାରିଣୀ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇ ଥିଲା । ଘଟଗାଁ ଆଦିତ୍ୟ ବାହିନୀ ଓ ଅନ୍ୟ ଶାଖା ସଦସ୍ୟ ସଦସ୍ୟା ସାମିଲ ଥିଲେ, ଆମ୍ବୁଲାନ୍ସ ଚାଳକ ପବିତ୍ର ବାରିକ, କେନ୍ଦୁଝର ଜିଲ୍ଲା ଆନନ୍ଦ ବାହିନୀ ସଂଯୋଜିକା, ରଶ୍ମୀ ମହାରଣା, ନରସିଂହ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, କଟକ ଟାଉନ ସେବା, ନରସିଂହ ସାହୁ ପ୍ରମୁଖ ସହ ଘାସିରାମ ମହାନ୍ତ, ଦମୟନ୍ତୀ ମହାନ୍ତ, ଚନ୍ଦନ ପାତ୍ର,ରଶ୍ମୀ ମହାରଣା, ଦମୟନ୍ତୀ ମହାନ୍ତ, ହର୍ଷ ବାରିକ୍, ଜଟିଆ ସଂଡିଲ, ଦଶରଥ ମହାନ୍ତ, ସାରଥୀ ପାତ୍ର, ତୃପ୍ତି ରଞ୍ଜନ ସାହୁ, ସତ୍ୱକ ଗିରି, ଭୂପେସ ନାୟକ ପ୍ରମୁଖ ମା ତାରିଣୀ ଙ୍କ ୯୦ ତମ ଚଇତି ପର୍ବ' ୨୦୨୬ ର ସେବା ରେ ସାମିଲ୍ ଥିଲେ ।

ଜାତୀୟ ଅଗ୍ନିଶମ ସେବା ସପ୍ତାହ ଅବସରରେ ଆନନ୍ଦପୁର ବ୍ଲକ ଶାଳବଣି ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଖାଇ ସାରି ବିଶ୍ରାମ ନେଇଥିଲେ ବିଚାରାଧୀନ କଏଦୀ; ଶରୀର କମ୍ପନ ପରେ ମୃତ୍ୟୁ

ନୀଳଗିରି,୨୦/୪(ନି/ପ୍ର): ବାଲେଶ୍ୱର ଜିଲ୍ଲାନୀଳଗିରି ଉପକାରାଗାରାରେ ରବିବାର ଦିନ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ବିଚାରାଧୀନ କଏଦୀ ମଧ୍ୟାହ୍ଣ ଭୋଜନ ପରେ ବିଶ୍ରାମ ନେଇଥିବା ବେଳେ ତାଙ୍କର ଶରୀର ହଠାତ୍ କମ୍ପନ ସୃଷ୍ଟି ହୋଇଛି । ଅଳ୍ପ ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଲେ ଶ୍ରୀକାନ୍ତ ନାଏକ । ତାଙ୍କର ମୃତ୍ୟୁର କାରଣ ଜଣାପଡ଼ି ନାହିଁ । ବାଲେଶ୍ୱର ଜିଲ୍ଲା ଔପଦା ଅଚଂଳର ଶ୍ରୀକାନ୍ତ ନାଏକ ଏକ ହତ୍ୟା ମାମଲାରେ ଜେଲ୍‌ରେ ବିଚାରଧୀନ କଏଦୀଥିଲେ । ଆଜି ମଧ୍ୟାହ୍ନ ସମୟରେ ଖାଦ୍ୟ ଖାଇଥିଲେ । ପରେ ସେ ବିଶ୍ରାମ ନେଇଥିଲେ । ଏହି ସମୟରେ ହଠାତ ତାଙ୍କର ଶରୀର ହଠାତ୍ ଥରିବାକୁ ଲାଗିଥିଲା । ଜେଲ୍‌ର ୱାର୍ଡେନମାନେ ତାଙ୍କୁ ତୁରନ୍ତ ନୀଳଗିରି ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନୀଳଗିରି ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା ରହିଛି ।

ବନ୍ତରୁ ଉଦ୍ଧାର ହେଲା ବିରଳ ସାପ

ଭଦ୍ରକ,୨୦/୪(ନି/ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂ ହରିଜନ ସାହିରୁ ଏକ ଅତି ବିରଳ ରଙ୍ଗର ସାପକୁ ଶୁକ୍ରବାର ଅପରାହ୍ନରେ ଉଦ୍ଧାର କରାଯାଇଛି । ହଳଦିଆ ଓ ଧଳା ରଙ୍ଗର ଏହି ସାପଟିକୁ ଦେଖିବା ପାଇଁ ସ୍ଥାନୀୟ ଅଂଚଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା । ଏହି ବିଚିତ୍ର ସାପଟି ଏକ 'ଆଲବିନୋ' (ରଙ୍ଗହୀନ) ପ୍ରଜାତିର ସାପ ବୋଲି କୁହାଯାଉଛି । ଗ୍ରାମବାସୀମାନେ ସାପଟିକୁ ଦେଖିବା ପରେ ଏହାକୁ ଧରି ଏକ ପ୍ଲାଷ୍ଟିକ ଡବାରେ ସୁରକ୍ଷିତ ରଖିଥିଲେ । ଏହାପରେ ସେମାନେ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କୁ ଯୋଗାଯୋଗ କରିଥିଲେ । ମଲ୍ଲିକ ତୁରନ୍ତ ଏହିବିଷୟରେ ଭଦ୍ରକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁମିତ୍ ମହାନ୍ତିଙ୍କୁ ଅବଗତ କରାଇଥିଲେ ।

ଦେବଗଡ଼ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା:

୨୦ରୁ ୨୩ ଯାଏ ବନ୍ଦ ରହିବ ସମସ୍ତ ଶିକ୍ଷାନୁଷ୍ଠାନ

ଦେବଗଡ,୨୦/୪(ନି/ପ୍ର): ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ଦେବଗଡ଼ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୨୦.୦୪.୨୦୨୬ (ସୋମବାର) ରୁ ୨୩.୦୪.୨୦୨୬ (ଗୁରୁବାର) ପର୍ଯ୍ୟନ୍ତସମସ୍ତ ଅଙ୍ଗନୱାଡିକେନ୍ଦ୍ର, ସ୍କୁଲ, କଲେଜ ଓ ବୈଷୟିକ ପ୍ରତିଷ୍ଠାନବନ୍ଦ ରହିବ । ଏଇ ସମୟ ମଧ୍ୟରେ ନିର୍ଦ୍ଧାରିତ ପରୀକ୍ଷା ଗୁଡ଼ିକ ଜାରି ରହିବ କ୍ଷ ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ଏହି ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯାଇଛି ।

ଶିକ୍ଷକ ନିଯୁକ୍ତି, ବଦଳି ପ୍ରତିବାଦରେ ବିଦ୍ୟାଳୟରେ ଝୁଲିଲା ତାଲା

ହାଟଡିହି ,୨୦/୪(ନି/ପ୍ର): ଶିକ୍ଷକ ବଦଳିକୁ ନେଇ କେନ୍ଦୁଝରଜିଲ୍ଲା ହାଟଡିହି ବ୍ଲକ ସଢ଼ା ପଚାଂୟତ ମିଠିଗାଁ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ବିଇଓଙ୍କ ମନମାନି ବିରୁଦ୍ଧରେ ଗ୍ରାମବାସୀମାନେ ଏକଜୁଟ ହୋଇ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି । ଫଳରେ ସ୍କୁଲ ଯାଇଥିବା ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରି ନପାରି ନିରାଶରେ ଘରକୁ ଫେରିଛନ୍ତି । ଏପରିକି ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରସ୍ତୁତ ହୋଇ ନପାରିବାରୁ ପିଲା ମାନଙ୍କୁ ବିସ୍କୁଟ ଖାଇବାକୁ ଦିଆ ଯାଇଛି । ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ଯେ ଏହି ବିଦ୍ୟାଳୟରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୩ ଜଣ ଶିକ୍ଷକ ନିଯୁକ୍ତି ଥିଲେ । ଗତ କିଛିମାସ ତଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇ ବାରୁ ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଶିକ୍ଷକ ବଦଳି ନ କରିବାକୁ ଅନୁରୋଧ କରିବା ପରେ ସମ୍ପୃକ୍ତ ଶିକ୍ଷକଙ୍କ ଡେପୁଟେସନ କ୍ୟାନସଲ କରିଥିଲେ । ଗତ ଜୁନମାସରେ ହାଟଡିହି ବ୍ଲକର ବିଇଓ ଅନାବଶ୍ୟକ ଭାବେ ଚମ୍ପୁଆ ବ୍ଲକରୁ ଆସିଥିବା ଆଉ ଜଣେ ଶିକ୍ଷୟତ୍ରୀଙ୍କୁ ଏଠାରେ ନିଯୁକ୍ତି ଦେଲେ । ଏତେ କମ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ବେଳେ କାହିଁକି ଆଉ ଜଣେ ଶିକ୍ଷୟତ୍ରୀ ନିଯୁକ୍ତି ଦେଲେ ତାକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠିଥିଲା । ୧୫ଦିନ ତଳେ ସେହି ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ଗାଁ ରେ ଥିବା ପ୍ରଥମିକ ବିଦ୍ୟାଳୟକୁ ଡେପୁଟେସନ ପଠାଇ ଦେଲେ । ଯାହାକୁ ନେଇ ଶିକ୍ଷୟତ୍ରୀ ଜଣକ ପ୍ରତିବାଦ କରିବା ସହିତ ସେ ସ୍କୁଲକୁ ନଯାଇ ବିଇଓଙ୍କ କାର୍ଯ୍ୟାଳୟରେ ବସି ରହିଲେ । ଗତ ଶୁକ୍ରବାର ଦିନ ବ୍ଲକ ଶିକ୍ଷା ଅଧିକାରୀ ତାଙ୍କ ଡେପୁଟେସନ କୁ କ୍ୟାନସଲ କରି ପୁନର୍ବାର ପାଟଜାଗୁଳାଇ ସ୍କୁଲକୁ ଫେରାଇ ଦେଲେ । କିନ୍ତୁ ସ୍କୁଲ ପରିଚାଳନା କମିଟି ତାଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବାରଣ କରିଥିଲେ । କିନ୍ତୁ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉଚ୍ଚ କର୍ତୃପକ୍ଷଙ୍କ ପରାମର୍ଶ କ୍ରମେ କାର୍ଯ୍ୟରେ ଯୋଗଦାନ କରାଇବାରୁ ଅଭିଭାବକ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା । ବାରମ୍ବାର ବାରମ୍ବାର ଶିକ୍ଷକ ବଦଳି ଓ ନିଯୁକ୍ତି ଯୋଗୁଁ ଉପଯୁକ୍ତ ଶିକ୍ଷାଦାନ ହୋଇ ପାରୁ ନଥିବା ଅଭିଯୋଗ କରି ଶତାଧିକ ଅଭିଭାବକ ଓ ଗ୍ରାମବାସୀ ଆଜି ସକାଳୁ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି । ସେମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦେଖା କରିବାକୁ ଯାଇ ନିରାଶରେ ଫେରିବା ଓ ଶିକ୍ଷା ଅଧିକାରୀ ଫୋନ ନ ଉଠାଇବାରୁ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରି ବିଦ୍ୟାଳୟ ଫାଟକରେ ତାଲା ପକାଇ ଥିଲେ । ଏହାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଓ ବ୍ଲକ ଶିକ୍ଷା ଅଧିକାରୀ ଏଠାକୁ ଆସି ଶିକ୍ଷକ ବଦଳି ନ କରିବାକୁ ଲିଖିତ ପ୍ରତିଶୃତି ଦେବା ପରେ ଯାଇ ଫାଟକରୁ ତାଲା ଫିଟିବ ବୋଲି ମାୟଧର ଜେନା, ନିତ୍ୟାନନ୍ଦ ଜେନା, ରମାକାନ୍ତ ରାଉତ, ରବୀନ୍ଦ୍ର ରାଉତ, ଶଶିକାନ୍ତ ସେଠୀ, ରଙ୍କନିଧି ଜେନା, ଗଦାଧର ଭୋଇ, ସନ୍ତୋଷ କୁମାର ଜେନା, ଗୋବିନ୍ଦ ବେହେରା , ବିଜୟ ସାହୁ, କୃଷ୍ଣ ଚନ୍ଦ୍ର ବେହେରା, ଶୁକଦେବ ସେଠୀ, ଚିନ୍ତାମଣି ବେହେରା, ନିରାକର ପରିଡ଼ା, ପବନା ସେଠୀ , ରମେଶ ନାୟକ, ବାମନ ପଲତା, କାଙ୍ଗାଳି ନାୟକ, ଭଗବାନ ଜେନା, ବିରଞ୍ଚି ରାଉତ ପ୍ରମୁଖ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

ବିବିଧା

ରାଶିଫଳ

ମେଷ: ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

ବୃଷ: ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ବିଦେଶରୁ ଶୁଭ ଖବର ମିଳିବ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ।

ମିଥୁନ: ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

କର୍କଟ: ଅଫିସରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

ସିଂହ: ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

କନ୍ୟା: ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

ତୁଳା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

ବିଛା: ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

ଧନୁ: ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ମକର: ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

କୁମ୍ଭ: ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ବିଦେଶରୁ ବୁଲେଇ ଆସିବେ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

ମୀନ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

ଆଜିର ଇତିହାସ

- ୧୯୨୦-ଅଲବାମା ଓ ମିସିସିପିରେ ଆସିଥିବା ତୋଫାନ ଯୋଗୁଁ ୨୧୯ ଲୋକଙ୍କ ମୃତ୍ୟୁ।
- ୧୯୩୯- ଆଡଲଫ୍ ହିଟଲରଙ୍କ ୫୦ତମ ଜନ୍ମ ଦିବସକୁ ଜର୍ମାନରେ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା।
- ୧୯୯୭ - ଇନ୍ଦ୍ର କୁମାର ଗୁଜରାଲ ଦେଶର ଦ୍ୱାଦଶ ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୨- ଭାରତ 'ଅଗ୍ନି-୫' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିବା ପରେ ଆମେରିକା ଘୋଷଣା କଲା ଭାରତ, ଚୀନ୍ ସହ ସମକକ୍ଷ ହୋଇଗଲା ବୋଲି ପ୍ରକାଶ କରିଥିଲା।

ଆଜି ଆସିଥିଲେ

ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ଗୋପୀନାଥ ମହାନ୍ତି

ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଅନ୍ୟତମ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ ଗୋପୀନାଥ ମହାନ୍ତି। ଉପନ୍ୟାସ ସହିତ କବିତା, ଗଳ୍ପ, ଜୀବନୀ, ଆତ୍ମଜୀବନୀ, ନାଟକ ଓ ଅନୁବାଦରେ ଥିଲା ତାଙ୍କର ଅଭୂତପୂର୍ବ ଦକ୍ଷତା। ତାଙ୍କ ଲେଖାରେ ଓଡ଼ିଆ ଚଳଣି, ପାହାଡ଼ି ଜୀବନର କାହାଣୀ, ସାଧାରଣ ମଣିଷର ଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ। ଜ୍ଞାନପୀଠ ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ ଔପନ୍ୟାସିକ। ୧୯୧୪ ମସିହା ଆଜିର ଦିନରେ କଟକ ଜିଲ୍ଲାର ମହାନଦୀ କୂଳର ଏକ ଛୋଟିଆ ଗ୍ରାମ ନାଗବାଲିରେ ଗୋପୀନାଥଙ୍କର ଜନ୍ମ ହୋଇଥିଲା। ବିଚକ୍ଷଣ ପ୍ରତିଭାସମ୍ପନ୍ନ ଗୋପୀନାଥଙ୍କର ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ଥିଲା। ସେ ମାତ୍ର ୨୯ ବର୍ଷ ବୟସରେ 'ପରଜା' ରଚନା କରି ସାହିତ୍ୟ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ। ୧୯୩୬ରେ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଶେଷ କଲାପରେ ଗୋପୀନାଥ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୧୯୪୦ରେ ତାଙ୍କର ନିଯୁକ୍ତି ହୁଏ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ। ସେଠାରେ ସେ କନ୍ଧ, କୁଇ, ସଉରା, ପରଜା ସମ୍ପ୍ରଦାୟର ଭାଷା ଓ ସଂସ୍କୃତି ସଂସ୍ପର୍ଶରେ ଆସନ୍ତି। ଆଦିବାସୀ ଜୀବନ ଆଧାରିତ 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ' ଆଦି ଉପନ୍ୟାସ ରଚନା କରି ସେ କେବଳ ଯଶସ୍ୱୀ ହୋଇନାହାନ୍ତି; ଆଦିବାସୀ ଜୀବନ ଓ ସମାଜର ନିଛକ, ମାର୍ମିକ, ଦୁର୍ଲଭ ଚିତ୍ରକୁ ପାଠକଙ୍କ ସହ ପରିଚିତ କରାଇଛନ୍ତି। ତାଙ୍କ ଲେଖନୀରେ ସୃଷ୍ଟି ହୋଇଛି 'ହରିଜନ', 'ଦାନାପାଣି', 'ଲୟବିଲୟ', 'ମାଟିମଟାଳ' ଆଦି କାଳଜୟୀ ଉପନ୍ୟାସ। 'ଘାସ ଆଉ ଆକାଶ', 'ଉଡ଼ନ୍ତା ଖଇ', 'ଶରଣଶଯ୍ୟା' ଆଦି ଗଳ୍ପ ସଂକଳନ, 'ଧୂଳିମାଟିର ସନ୍ଥ', 'ଉତ୍କଳମଣି' ଆଦି ଜୀବନୀ ଏବଂ 'ସ୍ରୋତସ୍ୱତୀ' ଆତ୍ମଜୀବନୀ ରଚନା କରି ସେ ସାହିତ୍ୟର ପ୍ରମୁଖ ବିଭାଗରେ ଛାଡ଼ିଯାଇଛନ୍ତି ବଳିଷ୍ଠ ସ୍ୱାକ୍ଷର। ତାଙ୍କ ରଚନା ସବୁ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ କେନ୍ଦ୍ରିତ। ଗୋପୀନାଥଙ୍କ ଲେଖାମାନ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହୋଇଛି। ଜୀବନକାଳ ମଧ୍ୟରେ ସେ ୨୪ଟି ଉପନ୍ୟାସ, ୧୦ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ, ୨ଟି ଆତ୍ମଜୀବନୀ, ୨ଟି ନିବନ୍ଧ, କନ୍ଧ, ସଉରା, ଗଦବାଙ୍କ ଭାଷା ଉପରେ ୫ଟି ବହି ଲେଖିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ପଦ୍ମଭୂଷଣ ଆଦି ଅନେକ ଜାତୀୟ ପୁରସ୍କାର ସମ୍ମାନିତ ଏହି ବିରଳ ପ୍ରତିଭାଙ୍କୁ ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡିଲିଟ୍ ଉପାଧି ମିଳିଥିଲା। ୨୦ ଅଗଷ୍ଟ, ୧୯୯୧ରେ ଏହି ମହାନ୍ ସାହିତ୍ୟିକଙ୍କର ପରଲୋକ ଘଟିଥିଲା।

କାର୍ଡବୋର୍ଡ ଫେଶନ

ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଅଜବ ଅଜବ ଷ୍ଟାଇଲ ମାନ ସାମ୍ନାକୁ ଆସୁଛି। ବିଶେଷକରି ଲଗଜୁରି ଫେଶନ ବ୍ରାଣ୍ଡ ବାଲେନ୍‌ସିଆଗା ଅଖା, ଟାୱେଲରେ ପୋଷାକ ନିର୍ମାଣ କରି ଏହାକୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଚର୍ଚ୍ଚାରେ ରହିଛି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ କାର୍ଡବୋର୍ଡ ଡ୍ରେସ୍ ଖୁବ୍ ଭାଇରାଲ ହେଉଛି। ଲୋକପ୍ରିୟ ହଲିଉଡ୍ ଅଭିନେତ୍ରୀ ମେଗନ ଫକ୍ସ ଏବଂ ରବର୍ଟ ପେଟିନସନ କାର୍ଡବୋର୍ଡରେ ତିଆରି ପୋଷାକ ପିନ୍ଧିଥିବାର ଦେଖାଯାଉଛି। ତେବେ ଏହି ପୋଷାକକୁ ପ୍ରତିଷ୍ଠିତ ବ୍ରାଣ୍ଡ ବାଲେନସିଆଗା ଲଞ୍ଚ୍ କରିଛି। ଏହାର ନାମ 'ସିଫି କାର୍ଡବୋର୍ଡ ବକ୍ସ' ରଖାଯାଇଛି। ସେହିପରି ଏହି ଡ୍ରେସ୍‌ର ଦାମ୍ ୮.୨୪ ଲକ୍ଷ ବୋଲି କୁହାଯାଉଛି। ଅବଶ୍ୟ ଏହା ସତ ଘଟଣା ନୁହେଁ, ବୋଲି ଏବେ ଜଣାପଡ଼ିଛି। ଏହାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ସାହାଯ୍ୟରେ ତିଆରି କରାଯାଇଛି। ସ୍ପୋର୍ଟ ସ୍ମିମୁଲେସନ ନାମକ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଫଟୋଗୁଡ଼ିକ ସେୟାର୍ କରିଥିଲା। ମେଗନ ଫକ୍ସ, ରବର୍ଟ ପେଟିନସନଙ୍କ ଭଳି ବଡ଼ ବଡ଼ ତାରକାଙ୍କ ମୁହଁକୁ ଏହି ଫଟୋରେ ସାମିଲ କରିଥିଲା। ଯେଉଁକି ଏହା ଅସଲି ଲାଗିବ। ଏହି ଆକାଉଣ୍ଟରେ ପୂର୍ବରୁ ମଧ୍ୟ ଖାଦ୍ୟରେ ତିଆରି ଡ୍ରେସ୍ ଏବଂ ଅଣ୍ଡା ଟ୍ରେରୁ ତିଆରି ପୋଷାକର ଫଟୋ ସେୟାର କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଏହି ପେଜ୍‌ର ଉଦ୍ଦେଶ୍ୟ ହେଉଛି, ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିବା। ତା'ସହ ଏକଥା ଭାବିବାକୁ ବାଧ୍ୟ କରିବା ଯେ, ଏହା ଅସଲି କି ନକଲି। ସେହିପରି ଲୋକପ୍ରିୟ ତାରକାଙ୍କୁ ଏଭଳି ପୋଷାକରେ ସାମିଲ କରିବା ଦ୍ୱାରା ଲୋକେ ଏହାକୁ ସତସତିକା ମନେ କରନ୍ତି। ହେଲେ ବାସ୍ତବତା ହେଉଛି ଏସବୁ ଏଆଇ ଦ୍ୱାରା ତିଆରି କଣ୍ଟେଣ୍ଟ। ଏହି ପୁରା ଘଟଣା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ଭ୍ରମ। ଯାହାକି ଜାଣିଶୁଣି ଭାଇରାଲ କରିବା ପାଇଁ ତିଆରି କରାଯାଇଛି। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

ପ୍ଲାଷ୍ଟିକ୍ ସର୍ଜରୀକୁ ନେଇ ମୁହଁ ଖୋଲିଲେ ଅବନୀତ

ବଲିଉଡ୍ ଅଭିନେତ୍ରୀ ଅବନୀତ କୌର୍ ପ୍ଲାଷ୍ଟିକ୍ ସର୍ଜରୀ ଓ ବୋଟୋକ୍ସ କରାଇଥିବା ଚର୍ଚ୍ଚା ଉପରେ ଏବେ ମୁହଁ ଖୋଲିଛନ୍ତି। ବୟସ ବଢ଼ିବା ସହ ତାଙ୍କ ଲୁକ୍‌ରେ ପ୍ରାକୃତିକ ଭାବେ ପରିବର୍ତ୍ତନ ଦେଖାଯାଉଛି ବୋଲି ସେ କହିଛନ୍ତି। ଅବନୀତ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାନ୍ତି। ସେ ପ୍ରାୟ ସମୟରେ ତାଙ୍କର ଫଟୋ ସେୟାର୍ କରିଥାନ୍ତି। ସମୟ ସହିତ ତାଙ୍କ ଲୁକ୍‌ରେ ପରିବର୍ତ୍ତନ ଦେଖା ଦେବାରୁ ସାମାଜିକ ଗଣମାଧ୍ୟମରେ ସେ ପ୍ଲାଷ୍ଟିକ୍ ସର୍ଜରୀ କିମ୍ବା ବୋଟୋକ୍ସ କରାଇଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା। ଏସମ୍ପର୍କରେ ନିକଟରେ ଅବନୀତ ଏକ ସାକ୍ଷାତକାରରେ କହିଛନ୍ତି, 'ସେ ଏଭଳି କମେଣ୍ଟ ଉପରେ ପ୍ରତିକ୍ରିୟା ଦିଅନ୍ତି ନାହିଁ। ଯଦି ଲୋକେ ଏପରି ଭାବୁଛନ୍ତି ତେବେ ସେମାନଙ୍କ ପିଲାଦିନର ଓ ବର୍ତ୍ତମାନର ଫଟୋ ଦେଖନ୍ତୁ। ମଣିଷର ବୟସ ଯେତେ ବଢ଼ି ବଢ଼ି ଚାଲେ ତା'ର ଶାରୀରିକ ଗଠନରେ ପରିବର୍ତ୍ତନ ଦେଖାଯାଏ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା।' ସେ ଆହୁରି ମଧ୍ୟ କହିଥିଲେ, 'ତାଙ୍କ ଆଖି, ନାକ ଓ ଓଠ ପୂର୍ବଭଳି ଅଛି। ତାଙ୍କର ଜଉଲାଇନ ମଧ୍ୟ ପୂର୍ବଭଳି ସେହି ସ୍ଥାନରେ ଅଛି।' ଅବନୀତ ତାଙ୍କ ସୌନ୍ଦର୍ଯ୍ୟ ମା'ଙ୍କ ଠାରୁ ଆସିଥିବା କହିଛନ୍ତି। ଅବନୀତଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ ଶାନ୍ତନୁ ମାହେଶ୍ୱରୀଙ୍କ ସହ 'ଲଭ୍ ଇନ୍ ଭିଏତନାମ୍' ଫିଲ୍ମରେ ନଜର ଆସିଥିଲେ। ରାହତ ଶାହ କାଜମୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୧୨ ସେପ୍ଟେମ୍ବର, ୨୦୨୫ରେ ରିଲିଜ୍ ହୋଇଥିଲା।

ଆସ୍ଥା



ସୀତା ନବମୀ

ବୈଶାଖ ମାସ ଶୁକ୍ଳ ନବମୀକୁ ସୀତା ନବମୀ ବୋଲି କୁହାଯାଏ। ଧାର୍ମିକ ମାନ୍ୟତାନୁସାରେ, ମା' ସୀତା ଏହିଦିନ ପୃଥିବୀରେ ଜନ୍ମ ହୋଇଥିଲେ। ସୀତା ନବମୀକୁ 'ଜାନକୀ ନବମୀ' ମଧ୍ୟ କୁହାଯାଏ। ସେହିପରି ପ୍ରତ୍ୟେକ ଭାରତୀୟ ନାରୀ ମା' ସୀତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିଥାନ୍ତି।

ରାମ ନବମୀର ମାସେ ପରେ ପଡ଼ିଥାଏ ସୀତା ନବମୀ। ଯେହିପରି ରାମ ନବମୀରେ ଶ୍ରୀରାମଙ୍କ ପୂଜା ଦ୍ୱାରା ଯେଉଁ ଫଳ ମିଳେ, ଠିକ୍ ସେମିତି ସୀତା ନବମୀରେ ମାତା ସୀତାଙ୍କୁ ପୂଜା କରିବା ଦ୍ୱାରା ସମାନ ଫଳ ପ୍ରାପ୍ତି ହୁଏ। ମା' ସୀତା ହେଉଛନ୍ତି ମହାଲକ୍ଷ୍ମୀଙ୍କ ସ୍ୱରୂପ। ଏହି ପବିତ୍ର ଦିନରେ ମା' ସୀତା ଏବଂ ଶ୍ରୀରାମଙ୍କୁ ପୂଜା କଲେ ସୁଖୀ ଦାମ୍ପତ୍ୟ ଜୀବନର ଆଶୀର୍ବାଦ ପ୍ରାପ୍ତ ହୁଏ। ଏହା ସହ ସମସ୍ତ ମନୋକାମନା ପୂରଣ ହୁଏ। ଏହିଦିନ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ତଥା ପରିବାରରେ ସୁଖଶାନ୍ତି ପାଇଁ ବ୍ରତ ରଖନ୍ତି। ଏହାବାଦ୍ ସୀତା ନବମୀରେ ପୂଜାପାଠ ସହ ଦାନ କରିବା ଉଚିତ। ହିନ୍ଦୁ ଧର୍ମରେ ପ୍ରତ୍ୟେକ ପୂଜା ପରେ ଦାନ କରିବାର ପରମ୍ପରା ଅଛି। ଏହିଦିନ କରାଯାଉଥିବା ଦାନ ଦ୍ୱାରା କନ୍ୟାଦାନ ଏବଂ ଚାରିଧାମ ତୀର୍ଥଯାତ୍ରା ସମାନ ଫଳ ପ୍ରାପ୍ତ ହୁଏ। ପୌରାଣିକ ମାନ୍ୟତାନୁସାରେ, ମିଥିଳା ରାଜା ଜନକ ନିଜ ଜମିରେ ହଳ କରୁଥିଲେ। ସେହି ସମୟରେ ସେ ମା' ସୀତାଙ୍କୁ ପାଇଥିଲେ। ସେବେଠାରୁ ସୀତା ଜନକ ନନ୍ଦିନୀ ଜାନକୀ ଭାବେ ପରିଚିତ। ଏପ୍ରିଲ ୨୫ ତାରିଖରେ ସୀତା ନବମୀ ପାଳନ କରାଯିବ।

ଅକ୍ଷୟ ତୃତୀୟାରେ କେଉଁ ଜିନିଷ କିଣିବେ

ଆଜି ପବିତ୍ର ଅକ୍ଷୟ ତୃତୀୟା। ବୈଶାଖ ଶୁକ୍ଳ ତୃତୀୟା 'ଅକ୍ଷୟ ତୃତୀୟା' ଭାବେ ପରିଚିତ। କୃଷକ ଏହିଦିନ ଅକ୍ଷିମୁଠି ଅନୁକୂଳ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଏହା ଅତ୍ୟନ୍ତ ଶୁଭଦିନ ହୋଇଥିବାରୁ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ଭଳି ମାଙ୍ଗଳିକ କାର୍ଯ୍ୟ କରାଯାଏ। କେବଳ ସେତିକି ନୁହେଁ, ଏହି ତିଥିରେ ଶ୍ରୀଜିଉମାନଙ୍କର ରଥ ନିର୍ମାଣ ଅନୁକୂଳ ହୁଏ।

ପୌରାଣିକ ଦୃଷ୍ଟିକୋଣରୁ ଏହି ଦିନର ମହତ୍ତ୍ୱ ଯଥେଷ୍ଟ ଅଧିକ। ଏହି ଦିନକୁ ସତ୍ୟଯୁଗର ପ୍ରାରମ୍ଭ ଦିବସ ରୂପେ ଗ୍ରହଣ କରାଯାଇଛି। ଅକ୍ଷୟ ତୃତୀୟାରେ ମହର୍ଷି ବେଦବ୍ୟାସ ଓ ପ୍ରଭୁ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ। ଏହି ଦିନ ସ୍ୱର୍ଣ୍ଣ କ୍ରୟ କଲେ ମା' ଲକ୍ଷ୍ମୀ ଧନଧାନ୍ୟରେ ଗୃହ ପୂର୍ଣ୍ଣ କରନ୍ତି ବୋଲି ବିଶ୍ୱାସ ଅଛି। ଏହି ଦିନକୁ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ଭାବେ ପାଳନ କରାଯାଏ। 'ଗୀତଗୋବିନ୍ଦ'ର ରଚୟିତା କବି ଜୟଦେବ ଅକ୍ଷୟ ତୃତୀୟା ଦିନ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ। ବଦ୍ରି-ନାରାୟଣ କପାଟ ଏହି ଦିନ ଖୋଲିଥାଏ। ମା' ଗଙ୍ଗା ମଧ୍ୟ ଏହି ଦିନ ମର୍ତ୍ତ୍ୟରେ ଅବତରଣ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଏହି ତିଥିରେ ଶ୍ରୀଜାଉମାନଙ୍କର ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ। ବିଧି ଅନୁସାରେ, ତିନିଖଣ୍ଡି ଧଉରା କାଠରେ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଯାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥ ନିର୍ମାଣର ଶୁଭାରମ୍ଭ କରିଥାନ୍ତି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିଥାଏ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୁଏ। କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାର ମହତ୍ତ୍ୱ ଓଡ଼ିଆ ପରମ୍ପରାରେ ଆଜି ବି ଜୀବିତ ରହିଛି। ଏହି ପବିତ୍ର ଦିନରେ ଯେକୌଣସି ଧର୍ମକାର୍ଯ୍ୟ କଲେ କ୍ଷୟନ ହୋଇ ଅକ୍ଷୟ ହୋଇ ରହିଥାଏ ବୋଲି ବିଶ୍ୱାସ ରହିଛି।

ଅକ୍ଷୟ ତୃତୀୟା ଅତ୍ୟନ୍ତ ଶୁଭଦିନ। ଏହିଦିନ ସୁନା ଓ ରୁପା କିଣିବାକୁ ଶୁଭ ବୋଲି କୁହାଯାଏ। ତେବେ ସୁନା, ରୁପା ବ୍ୟତୀତ କିଛି ଜିନିଷ ଏମିତି ଅଛି, ଯାହାକୁ କିଣିବାକୁ ଶୁଭ ବୋଲି କୁହାଯାଇଛି। ଏହା ଦ୍ୱାରା ଧନଲାଭ ହୁଏ ଏବଂ ଲକ୍ଷ୍ମୀ ଦେବୀଙ୍କ କୃପା ପ୍ରାପ୍ତି ହୁଏ।

- ଅକ୍ଷୟ ତୃତୀୟାରେ ମାଟି ପାତ୍ର, ଦୀପ, କୁମ୍ଭ କିଣିବା ଶୁଭ। ଏହା ଦ୍ୱାରା ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରେ ଏବଂ ଘରେ ଶାନ୍ତି ବଜାୟ ରହେ।
- ତମ୍ବା ଜିନିଷ କିଣିବାକୁ ଶୁଭ ବୋଲି କୁହାଯାଏ। ତମ୍ବା ବାସନକୁସନ କିଣିପାରିବେ।
- ହଳଦି ଏବଂ ଅକ୍ଷତ ପୂଜା କାମରେ ଆସେ। ଏହିଦିନ ଏହାକୁ କିଣିବା ଓ ଏହି ଜିନିଷ ଘରକୁ ଆଣିବା ଶୁଭ।
- ଏହିଦିନ ନାଲି ବସ୍ତ୍ର କିଣିବାକୁ ଶୁଭ ବୋଲି କୁହାଯାଏ।
- ଯେହିପରି ଜିନିଷ କିଣି ନ ପାରିଲେ ଅସହାୟ ଏବଂ ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ କିଛି ଜିନିଷ ଦାନ କରିପାରିବେ।
- ଏଥିରେ ଅନ୍ନଦାନ ଓ ବସ୍ତ୍ରଦାନ ସାମିଲ ଅଛି।

ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ

ଜ୍ୟୋତିଷ ଶାସ୍ତ୍ରରେ ଶନିଙ୍କ ରାଶି ବା ନକ୍ଷତ୍ର ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏହାର ପ୍ରଭାବ ସମସ୍ତ ୧୨ ରାଶି ଉପରେ ପଡ଼େ। ୧୭ ତାରିଖରୁ ଶନି ନିଜ ସ୍ଥିତି ବଦଳାଇଛନ୍ତି ଏବଂ ମେ ୧୭ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହିବେ। ଏହି ସମୟ କେଉଁ ରାଶିଙ୍କୁ ଶୁଭଫଳ ପ୍ରଦାନ କରିବ, ସେ ସମ୍ପର୍କରେ ଜାଣିବା।

ବୃଷ: ଧୀରେ ଧୀରେ ସବୁ ଜିନିଷ ଠିକ୍ ଦିଗକୁ ଗତି କରିବ। କାମ ଚାପ ବଢ଼ିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବକେୟା ଅର୍ଥ ଫେରି ପାଇବେ।

ମିଥୁନ: ମିଥୁନ ରାଶି ବ୍ୟକ୍ତିଙ୍କୁ ଏହି ସମୟ ଅନେକ ଦିଗରୁ ଲାଭ ପ୍ରଦାନ କରିବ। ନୂଆ କାମ ମିଳିବାର ଆଶଙ୍କା ଅଛି। ସମ୍ପର୍କରେ ଉତ୍ତମ ବୁଝାମଣା ରହିବ। ନୂଆ କିଛି ଆରମ୍ଭ କରିବାକୁ ସୁଯୋଗ ମିଳିବ।

ସିଂହ: ସିଂହ ରାଶି ବ୍ୟକ୍ତିବିଶେଷଙ୍କ ଲାଗି ଏହି ସମୟ ସୁଖମୟ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାମ ପୂରା ହେବ। ଚାକିରି ଓ ବ୍ୟବସାୟରେ ନୂତନ ଅବସର ମିଳିବ। ସମାଜରେ ପ୍ରତିଷ୍ଠା ବଢ଼ିବ।

କନ୍ୟା: ଶନିଙ୍କ ନକ୍ଷତ୍ର ପରିବର୍ତ୍ତନ ଦ୍ୱାରା କନ୍ୟା ରାଶି ଉପକୃତ ହେବେ। ମାନସିକ ଅବସାଦ ଦୂର ହେବ। ପ୍ରତ୍ୟେକ କାର୍ଯ୍ୟ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବ। ପରିବାରରେ ଉତ୍ତମ ବୁଝାମଣା ରହିବ।

ଧନୁ: କ୍ୟାରିୟର ଦୃଷ୍ଟିକୋଣରୁ ଏହି ସମୟ ଧନୁ ରାଶିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଚାକିରିରେ ପରିବର୍ତ୍ତନ ଓ ପଦୋନ୍ନତିର ଆଶଙ୍କା ଅଛି। ଦୂର ସ୍ଥାନକୁ ଯାତ୍ରା କରିବେ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୨୧ ଏପ୍ରିଲ ୨୦୨୬

ବିଶ୍ୱାସର ଲମ୍ଫ

ଏହା ଏକ ଅବଧାରିତ ସତ୍ୟ ଯେ ପୃଥିବୀପୃଷ୍ଠରେ ମନୁଷ୍ୟ ଯେତେ କାଳ ଧରି ତିଷ୍ଠି ରହିଥିବ, ସେତେ କାଳ ଧରି ସେ ବିଭିନ୍ନ ରୂପରେ ଅସ୍ତିତ୍ୱ ସଂକଟ ସବୁର ସମ୍ମୁଖୀନ ହୋଇଚାଲିଥିବ ଓ ସେ ସଂକଟରୁ ଉଦ୍ଧାର ପାଇବା ଉଦ୍ଦେଶ୍ୟରେ ଏଇଭଳି ବିଶ୍ୱାସର ଲମ୍ଫ ଦେଇ ଚାଲିଥିବ । ଆଉ ଏହାର ଏକ ପାର୍ଶ୍ୱ ଫଳ ସ୍ୱରୂପ ଯେଉଁ ସମାଜରେ ଜାପାନୀସୁଲଭ ଶୃଙ୍ଖଳାବୋଧ ଅନୁପସ୍ଥିତ ଥିବ, ସେଠାରେ ସମୟ ସମୟରେ ଏହି ଲମ୍ଫ ଘାତକ ସାବ୍ୟସ୍ତ ହୋଇ ହାଥ୍ରସ୍ ଘଟଣା ପରି ଅଘଟଣମାନ ଘଟିଚାଲିଥିବ । ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡା ଉତରପ୍ରଦେଶର ହାଥ୍ରସ୍ ଠାରେ ମନୁଷ୍ୟକୃତ ବିପର୍ଯ୍ୟୟରେ ଘଟିଥିବା ଶତାଧିକ ଲୋକଙ୍କର ପ୍ରାଣହାନି ପ୍ରତି ସମବେଦନା ପ୍ରକାଶ କରି ଭାରତ ଉଦ୍ଦେଶ୍ୟରେ ଏକ ଶୋକବାର୍ତା ପ୍ରେରଣ କରିଛନ୍ତି । ଏଭଳି ଆହୁରି ଅନେକ ଶୋକବାର୍ତାମାନଙ୍କ ମଧ୍ୟରୁ ବାଛି ଜାପାନ ପ୍ରଧାନମନ୍ତ୍ରୀଙ୍କର ବାର୍ତାଟିକୁ ଏଠାରେ ଉଲ୍ଲେଖ କରିବା ପଛରେ ଏକ ବିଶେଷ କାରଣ ନିହିତ ଅଛି । ୨୦୧୧ରେ ଜାପାନର ଫୁକୁସିମା ଠାରେ ଏକ ସୁନାମି ଯୋଗୁଁ ଘଟିଥିବା ଆଣବିକ ରିଆକ୍ଟର୍ ଦୁର୍ଘଟଣା ହେଉଛି ପୃଥିବୀର ଏ ପର୍ଯ୍ୟନ୍ତ ଘଟିଥିବା ବିଭିନ୍ନ ଶାନ୍ତିକାଳୀନ ଆଣବିକ ଦୁର୍ଘଟଣାମାନଙ୍କ ମଧ୍ୟରେ ଏକ ଅଗ୍ରଗଣ୍ୟ ଘଟଣା । ଦୁର୍ଘଟଣା ପରେ ତେଜସ୍କ୍ରିୟ ବିକିରଣ ଘଟିବା ସମ୍ଭାବନା ଦ୍ୱାରା ଆତଙ୍କିତ ହୋଇ ସେ ଅଂଚଳର ବାସିନ୍ଦାମାନେ ଜୀବନ ବିକଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅନ୍ୟତ୍ର ପଳାୟନ କରିବାରେ ଲାଗିଲେ । ନିକଟସ୍ଥ ରେଳ ଷ୍ଟେସନ୍ ?ରେ ସେତେବେଳେ ତେଣୁ ଅସମ୍ଭବ ଭିଡ଼ ସୃଷ୍ଟି ହୋଇଥାଏ । ଏହି ପଳାୟନକାରୀଙ୍କ ମଧ୍ୟରେ ଥିଲେ ଜଣେ ବ୍ରିଟିଶ୍ ସାମ୍ବାଦିକ । ସେ ପରବର୍ତୀ ସମୟରେ ପ୍ରକାଶ କରିଥିବା ତାଙ୍କର ସେ ଦିନର ଅନୁଭୂତିର ବର୍ଣ୍ଣନା ଜାପାନ ବାହାରେ ଅଗଣିତ ପାଠକମାନଙ୍କୁ ସେତେବେଳେ ଚମତ୍କୃତ କରିଦେଇଥିଲା । ସାମ୍ବାଦିକ ଜଣକ ଲେଖିଥିଲେ ଯେ ରେଳ ଷ୍ଟେସନ୍ ? ବାହାରେ ଯାହା ତାଙ୍କୁ ହତବାକ୍ କରିଦେଇଥିଲା, ତାହା ହେଲା ହଜାର ହଜାର ଅପେକ୍ଷାରତ ଯାତ୍ରୀ ସେଠାରେ ଶୃଙ୍ଖଳିତ ଭାବରେ ଧାଡ଼ିବାନ୍ଧି ରେଳରେ ଚଢ଼ିବା ପାଇଁ ଅପେକ୍ଷା କରି ଛିଡ଼ା ହୋଇଥିବାର ଦୃଶ୍ୟ । ଉଲ୍ଲେଖ ଅନାବଶ୍ୟକ ଯେ ସେଠାରୁ ପଳାୟନ ଯେତେ ବିଳମ୍ବିତ ହେବ, ତେଜସ୍କ୍ରିୟ ବିକିରଣ ଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନା ଓ ସେଥିଯୋଗୁଁ ଭୟଙ୍କର ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ସେତେ ଅଧିକ ହୋଇଥିଲେ ହେଁ ଜାପାନୀମାନେ ଧୀରସ୍ଥିର ଭାବରେ ଧାଡ଼ିରେ ଛିଡ଼ା ହୋଇ ରେଳ ଧରିବା ପାଇଁ ନିଜ ପାଳିକୁ ଅପେକ୍ଷା କରିବା ଦୃଶ୍ୟ ନିଜର ଶୃଙ୍ଖଳିତ ଜାତୀୟ ଚରିତ୍ର ପାଇଁ ସୁପରିଚିତ ସେଇ 'ବିବିସି' ସାମ୍ବାଦିକଙ୍କୁ ମଧ୍ୟ ହତଚକିତ କରିଦେଇଥିଲା । ହାଥ୍ ?ରସ୍ ? ଠାରେ ସଂପୃକ୍ତ ପ୍ରବଚକ ବାବାଙ୍କ ପଦଧୂଳି ନେବା ପାଇଁ ତାଙ୍କର ଭକ୍ତମାନେ ଯଦି ଜାପାନୀମାନଙ୍କ ଭଳି ଧାଡ଼ି ବାନ୍ଧି ଜଣକ ପରେ ଜଣେ ବାବାଙ୍କ ଚରଣ ସ୍ପର୍ଶ କରିଥାନ୍ତେ, ତେବେ ଫୁମିଓ କିସିଡାଙ୍କୁ ଆଜି ଆମ ପାଖକୁ ଶୋକ ବାର୍ତା ପଠାଇବାକୁ ପଡ଼ି ନଥାନ୍ତା । ପଦଧୂଳି ପ୍ରାପ୍ତି ନିଶ୍ଚିତ ରୂପେ ଉପରୋକ୍ତ ଫୁକୁସିମା ଘଟଣା ଭଳି ଏକ ଜୀବନ-ମରଣ ପ୍ରଶ୍ନ ନ ଥିଲା । ଯେଉଁମାନେ ଏକ ବ୍ୟକ୍ତିର ବିଚାର ଅପେକ୍ଷା ଏକ ଜନସମୂହର ବିଚାର ଅଧିକ ବିଜ୍ଞ ହୋଇଥାଏ ବୋଲି ବିଶ୍ୱାସ କରିଥାନ୍ତି, ହାଥ୍ ?ରସ୍ ଭଳି ଘଟଣା ସେମାନଙ୍କର ସେଭଳି ବିଶ୍ୱାସ ପ୍ରତି ଏକ ଦାରୁଣ ଆଘାତ ପହ ଁଇଥାଏ । ଗୋଷ୍ଠୀ-ବିଜ୍ଞତା ଉପରେ ଯେଉଁମାନେ ଆସ୍ଥା ସ୍ଥାପନ କରିଥାନ୍ତି, ସେମାନେ କହନ୍ତି ଯେ ଏକ ଜନସମୁଦାୟର ଜଣେ ସଦସ୍ୟ ଯେତେ ପ୍ରଖର ବୁଦ୍ଧିମାନ ହୋଇଥାଉ ନା କାହିଁକି, ସେଇ ଜନସମୁଦାୟର ମିଳିତ ବୁଦ୍ଧି ହେଉଛି ତା'ର ପ୍ରଖରତମ ବୁଦ୍ଧି-ବିଶିଷ୍ଟ ସଦସ୍ୟର ବୁଦ୍ଧି ଠାରୁ ମଧ୍ୟ ଆହୁରି ଅଧିକ ତୀକ୍ଷ୍ଣ । ଉନବିଂଶ ଶତାବ୍ଦୀର ବିଚକ୍ଷଣ ବ୍ରିଟିଶ୍ ବିଦ୍ୱାନ ଫ୍ରାନ୍ସିସ୍ ଗାଲ୍ଟନ୍‌ଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ ସମୟର ଆମେରିକୀୟ ସାମ୍ବାଦିକ ଜେମ୍ସ ସୁରୋଓ୍ୱିକିଙ୍କ ପର୍ଯ୍ୟନ୍ତ ଅତ୍ୟନ୍ତ ପ୍ରଭାବଶାଳୀ ଯୁକ୍ତି ମାଧ୍ୟମରେ ଏହି ଚିନ୍ତାଧାରାକୁ ପ୍ରମାଣିତ କରିବାକୁ ଚେଷ୍ଟା କରିଆସିଛନ୍ତି । ସୁରୋଓ୍ୱିକିଙ୍କର ୨୦୦୪ରେ ପ୍ରକାଶିତ ବହୁଳ ଆଦୃତ ପୁସ୍ତକ 'ଦି ଓ୍ୱିସ୍‌ଡମ୍ ଅଫ୍ ଦି କ୍ରାଉଡ୍‌ସ'କୁ ଏହି ମତବାଦର ଏକ ପ୍ରଧାନ ବାହକ ରୂପେ ବିଚାର କରାଯାଇଥାଏ । ଏହି ପୁସ୍ତକରେ ଯେଉଁ ସମସ୍ତ ବାସ୍ତବ ଜୀବନରୁ ସଂଗୃହୀତ ଉଦାହରଣମାନ ବ୍ୟବହାର କରି ସେ ନିଜର ମତବାଦକୁ ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି, ସେଥିରେ ଅନ୍ତର୍ଭୁକ୍ତ ଥିବା ଗୋଟିଏ ହେଉଛି ଏକ ଗହଳି ରାସ୍ତାରେ ନିୟମିତ ଭାବରେ ପରିଦୃଷ୍ଟ ଟ୍ରାଫିକ୍‌ର ସାବଲୀଳ ସ୍ରୋତ । ହୁଏତ ପ୍ରତ୍ୟେକ ଗାଡ଼ି ଚାଳକର ପ୍ରବୃତି ହୋଇପାରିଥାଏ ଅନ୍ୟମାନଙ୍କୁ ପଛରେ ପକାଇ ଆଗକୁ ମାଡ଼ିଯିବା । ଏପରି ହେଲେ ଗାଡ଼ିମାନଙ୍କ ମଧ୍ୟରେ ଧକ୍‌କା ଘଟିବା ହୋଇଥାନ୍ତା ଏକ ସାଧାରଣ ଘଟଣା ଏବଂ ଧକ୍‌କା ନ ଘଟିବା ହୋଇଥାନ୍ତା ବ୍ୟତିକ୍ରମ । କିନ୍ତୁ ବାସ୍ତବରେ ଯାହା ଦେଖାଯାଇଥାଏ, ତାହା ହେଉଛି ଏହାର ବିପରୀତ- ଧକ୍‌କା ହେଉଛି ବିରଳ ଓ ଧକ୍‌କା ନ ଘଟିବା ହେଉଛି ସାଧାରଣ । ସୁରୋଓ୍ୱିକି ସେହିପରି ଆଉ ଯେଉଁ ଏକ ଉଦାହରଣ ଉପସ୍ଥାପନ କରିଛନ୍ତି, ତାହା ହେଉଛି ଏକ ଲୋକପ୍ରିୟ ରେଷ୍ଟୁରାଂଟରେ ଘଟୁଥିବା ଭିଡ଼ର ଦୃଶ୍ୟ । ଏଠାରେ ଗ୍ରାହକମାନେ ପରସ୍ପର ସହିତ ଧକ୍‌କା ନ ଖାଇ ଟେବୁଲଟିଏ ପାଇବାକୁ ଯେଉଁଭଳି ଚେଷ୍ଟା ଚଳାଇଥାନ୍ତି, ତାହା ହେଉଛି ସୁରୋଓ୍ୱିକିଙ୍କ ବିଚାରରେ ଭିଡ଼-ବିଜ୍ଞତାର ଆଉ ଏକ ନିଦର୍ଶନ । ତା'ହେଲେ ସ୍ୱାଭାବିକ ଭାବରେ ଏଭଳି ଚିନ୍ତାଧାରା ମନରେ ଯେଉଁ ପ୍ରଶ୍ନକୁ ଜନ୍ମ ଦେଇଥାଏ, ତାହା ହେଲା, ଯଦି 'ଜଣ' ଅପେକ୍ଷା 'ଗଣ' ଏପରି ଅଧିକ ବୁଦ୍ଧିମାନ ହୋଇଥାନ୍ତି, ତେବେ ହାଥ୍ରସ୍ ଠାରେ ସେମାନେ ଏଭଳି ନିର୍ବୋଧସୁଲଭ ଅଯୌକ୍ତିକ ଆଚରଣ କାହିଁକି ପ୍ରଦର୍ଶନ କଲେ ? କେବଳ ହାଥ୍ରସ୍ ନୁହେଁ, ଏଇଭଳି ତଥାକଥିତ ଧର୍ମବିଶ୍ୱାସ ବା ଆଧ୍ୟାତ୍ମିକ ବିଶ୍ୱାସର ପ୍ରବଳ ଆକର୍ଷଣ ଦ୍ୱାରା ପରିଚାଳିତ ହୋଇ ପତଙ୍ଗମାନେ ଅନଳରେ ଝାସ ଦେବା ଭଳି ଶ୍ରଦ୍ଧାଳୁମାନେ ନିଜ ସୃଷ୍ଟ ଭିଡ଼ରେ ଦଳିମକଚି ହୋଇ ଏଭଳି ବହୁସଂଖ୍ୟାରେ ମୃତ୍ୟୁମୁଖରେ ପଡ଼ିବା ଘଟଣାମାନ ନିୟମିତ ଭାବରେ ଭାରତ ଭିତରେ ଓ ବାହାରେ ଦେଖିବାକୁ ମିଳିଥାଏ । ସେମାନଙ୍କର ଏଭଳି ବିଚାରହୀନ ଆତ୍ମଘାତୀ ଆଚରଣର ମୂଳ କାରଣ ଖୋଜି ବସିଲେ ଯେଉଁଠି ବୋଧହୁଏ ଏକ ସନ୍ତୋଷଜନକ ଉତର ମିଳିଥାଏ ତାହା ହେଉଛି ଉନବିଂଶ ଶତାବ୍ଦୀର ଦୀନାମାର୍ ଦାର୍ଶନିକ ସୋରେନ୍ କିର୍କେଗାର୍ଡ ଏଭଳି ଧର୍ମବିଶ୍ୱାସ ସମ୍ବନ୍ଧରେ ପ୍ରଦାନ କରିଥିବା

ନିୟତିର ସନ୍ତାନ

ପଇଁତିରିଶ ବର୍ଷ ତଳର ଗୋଟିଏ ସନ୍ଧ୍ୟା । ମୁଁ ଅଜିମ ପ୍ରେମଜୀଙ୍କୁ ଆଣିବାକୁ ଆମେରିକାର ସାନ୍ ଫ୍ରାନ୍ସିସ୍‌କୋ ଏଆରପୋର୍ଟକୁ ଯାଇଥାଏ । ସେତେବେଳେ ମୁଁ ଉଇପ୍ରୋ ସଂସ୍ଥାର ଆମେରିକା ପରିଚାଳକ ଭାବରେ କ୍ୟାଲିଫର୍ଣ୍ଣିଆର ସିଲିକନ ଭ୍ୟାଲିରେ ରହୁଥାଏ । ସେଦିନର ଉଇପ୍ରୋ ବର୍ତମାନ ପରି ଗୋଟିଏ ବିରାଟ ବଡ଼ ବ୍ୟାବସାୟିକ ଅନୁଷ୍ଠାନ ହୋଇ ନ ଥିଲା । ଛୋଟ ଦୁଇ ବଖରାରେ ମୋର ଅଫିସ । ଏମିତିରେ ମଧ୍ୟ ଅଜିମ ପ୍ରେମଜୀଙ୍କର ଯାତାୟାତ ସମୟରେ କୌଣସି ଆଡ଼ମ୍ବର ନ ଥାଏ । ଯେଉଁଠିକୁ ଯାଆନ୍ତି, ସ୍ଥାନୀୟ କର୍ମକର୍ତାଙ୍କ ଗାଡ଼ିରେ ହୋଟେଲକୁ ଯାଆନ୍ତି । ବାଟରେ ବ୍ୟବସାୟଜନିତ କଥାବାର୍ତା ହୁଏ । ପର କେଇ ଦିନର କାର୍ଯ୍ୟକ୍ରମ ନେଇ ଆଲୋଚନା ହୁଏ । ମୁଁ ସମୟ ଅନୁସାରେ ଏଆରପୋର୍ଟରେ ପହଚିଂଗଲି । ଅଳ୍ପ ସମୟ ପରେ ନିଜ ଛୋଟ ସୁଟ୍‌କେସକୁ ନିଜେ ଟାଣି ଅଜିମ ପ୍ରେମଜୀ ବାହାରକୁ ଆସିଲେ । ଏବେ ଆମେ ଯିବୁ ସାଟାଂ କ୍ଲାରାରେ ଥିବା ଗୋଟିଏ ମଝିଆ ଧରଣର ହୋଟେଲକୁ । ପ୍ରେମଜୀ କେବେହେଲେ କୌଣସି ଜାଗାରେ ପଚଂ ତାରକା ହୋଟେଲରେ ରହୁ ନ ଥିଲେ । ସେ କହୁଥିଲେ, ଟଙ୍କା ବ୍ୟବସାୟର, ମୋର ନୁହଁ । ତାଙ୍କର ମିତବ୍ୟୟିତା ଆମ ଭଳି କର୍ମଚାରୀଙ୍କୁ ପ୍ରଭାବିତ କରୁଥିଲା । ସେଦିନ ଗାଡ଼ିରେ ଯିବା ବେଳେ ପ୍ରେମଜୀ ସବୁଥର ଭଳି ମୋ ସାଙ୍ଗରେ ବ୍ୟବସାୟଜନିତ କଥାବାର୍ତା କରୁଥାଆନ୍ତି । ବାଟରେ ପଡ଼େ ୟୁନିଭର୍ସିଟି ଆଭେନ୍ୟୁ, ଅର୍ଥାତ୍ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟକୁ ରାସ୍ତା । ଆଖିରେ ପଡ଼ିଯିବା କ୍ଷଣି ପ୍ରେମଜୀ ମୋତେ ସେଇ ରାସ୍ତାରେ ଯିବାକୁ କହିଲେ । ମୁଁ ଗାଡ଼ି ବୁଲାଇନେଲି । କିଛି ସମୟ ପରେ ଆମେ ବିଶ୍ୱବିଦ୍ୟାଳୟର ମଝାମଝି ଗୋଟିଏ ଜାଗାରେ ପହଚିଂଗଲୁ । ମୋତେ ଗାଡ଼ି ଅଟକାଇବାକୁ କହି ପ୍ରେମଜୀ ଗାଡ଼ିରୁ ଓହ୍ଲେଇଗଲେ । କହିଲେ, କିଛି ସମୟ ପାଇଁ ସେ ଏଠି ଏକାକୀ ବୁଲି ଆସିବେ । ମୁଁ ଆଶ୍ଚର୍ଯ୍ୟ ହେଲି, କିନ୍ତୁ କିଛି କହିଲି ନାହିଁ । ଅଧଘଟାଏ ପରେ ପ୍ରେମଜୀ ଫେରିଆସିଲେ । ଏଥର ହୋଟେଲ୍ । ଯିବା ବାଟରେ ଧୀର ସ୍ୱରରେ ପ୍ରେମଜୀ କେବଳ ଗୋଟିଏ କଥା କହିଥିଲେ- 'ମୁଁ ଏଇଠି ପାଠ ପଢୁଥିଲି । ଅଧାରୁ ବନ୍ଦ କରିବାକୁ ହୋଇଥିଲା ।' ବାକୀତକ ରାସ୍ତା ନିରବରେ କଟିଯାଇଥିଲା । ୧୯୬୩ ମସିହାରେ ପ୍ରେମଜୀ ଇଞ୍ଜିନିଅରିଙ୍ଗ ପଢ଼ିବା ପାଇଁ ଷ୍ଟାନ୍‌ଫୋର୍ଡ ଆସିଥିଲେ । ପାଠ ଶେଷ ହେବା ଆଗରୁ ଦିନେ ଖବର ପାଇଲେ ଯେ ବାପା ଚାଲିଗଲେ । ସାଙ୍ଗେସାଙ୍ଗେ ବମ୍ବେ ଚାଲିଆସିଲେ ସେ । ଭାବିଥିଲେ କିଛି ଦିନ ପରେ ପୁଣି ଫେରି ଆସି ପାଠ ଶେଷ କରିବେ । ହେଲେ ତା' ଆଉ ହେଲା ନାହିଁ । ବମ୍ବେ ପହଚିଂ ଦେଖିଲେ ଯେ ବାପାଙ୍କର ତେଲ, ବନସ୍ପତି ଓ ସାବୁନ ବ୍ୟବସାୟର ବହୁ ସମସ୍ୟା । ପ୍ରେମଜୀଙ୍କ ବାପା ହାଶାମ ପ୍ରେମଜୀ ବ୍ୟବସାୟୀ ଅପେକ୍ଷା ଜଣେ ସମାଜ-କଲ୍ୟାଣକାରୀ ମଣିଷ ହିସାବରେ ଅଧିକ ଜଣାଶୁଣା ଥିଲେ । ପୈତୃକ ବ୍ୟବସାୟ ଚଳାଉଥିଲେ ମଧ୍ୟ ସ୍ୱାଧୀନତା-ପୂର୍ବ ଭାରତ ପାଇଁ ଅଧିକ ଚିନ୍ତିତ ଥିଲେ । ଭାରତ ସ୍ୱାଧୀନ ହେବା ପରେ ପାକିସ୍ତାନର ନିର୍ମାତା ମହମ୍ମଦ ଅଲୀ ଜିନ୍ନା ତାଙ୍କୁ ସେଠିକାର ଅର୍ଥମନ୍ତ୍ରୀ ହେବା ପାଇଁ ନିମନ୍ତ୍ରଣ କରିଥିଲେ । କିନ୍ତୁ ଅଜିମ ପ୍ରେମଜୀଙ୍କ ବାପା କହିଥିଲେ ଯେ ତାଙ୍କ ଦେଶ ଭାରତବର୍ଷ । ସେ ଭାରତ କେବେହେଲେ ଛାଡ଼ିଯିବେ ନାହିଁ । ଏଇଠି ନିଜ ବ୍ୟବସାୟ ଚଳାଇବେ । ତାଙ୍କର ଅକାଳ ମୃତ୍ୟୁ ପରେ ବମ୍ବେକୁ ଆସି ପ୍ରେମଜୀ ଦେଖିଲେ ଯେ ବ୍ୟବସାୟ ସମ୍ଭାଳିବା ପାଇଁ ଜଣଙ୍କୁ ଦାୟିତ୍ୱ ନେବାକୁ ହେବ । ଏଥର ଏକୋଇଶ ବର୍ଷର ଅନଭିଜ୍ଞ ଯୁବକଜଣକ ଷ୍ଟାନ୍‌ଫୋର୍ଡ କଥା ଭୁଲିଯାଇ ବ୍ୟବସାୟରେ ମନ ଢାଳିଦେଲେ । ଅଭିଜ୍ଞତାର ଅଭାବ ଥିଲା, ସେଥିପାଇଁ ତାଙ୍କର ପ୍ରଥମ କାର୍ଯ୍ୟ ଥିଲା ଜ୍ଞାନ ଆହରଣ । ଦ୍ୱିତୀୟରେ ବ୍ୟବସାୟକୁ ବିସ୍ତୃତ ନ କରି ଅବସ୍ଥିତ ବ୍ୟବସାୟକୁ ମଜଭୁତ କରିବାକୁ ହେବ । ତୃତୀୟରେ ବ୍ୟବସାୟକୁ ଦୃଢ଼ କରିବା ପାଇଁ ଉତ୍କର୍ଷର ସନ୍ଧାନ କରିବାକୁ ହେବ । ଜ୍ଞାନ ଆହରଣ କରିବା ପାଇଁ ପ୍ରେମଜୀ ସେତେବେଳକାର ବଡ଼ ବଡ଼ ସଫଳ ଅନୁଷ୍ଠାନମାନଙ୍କୁ ଯାଇ ବିନା ସଂକୋଚରେ ବ୍ୟବସାୟ ଚଳାଇବାର ବିଭିନ୍ନ ବ୍ୟାବହାରିକ ପ୍ରଶ୍ନ କରିଥିଲେ । ସେଇଭଳି ମ୍ୟାନେଜମେଂଟ କଲେଜମାନଙ୍କର ଶିକ୍ଷକମାନଙ୍କୁ ପଚାରି ବୁଝିଥିଲେ ବ୍ୟବସାୟ ଚଳାଇବାର ନିୟମକାନୁନ । ଗାଁ ଗାଁ ବୁଲି ହାଟ-ବଜାରରେ ବସୁଥିବା ବେପାରୀମାନଙ୍କ ଠାରୁ ବୁଝିଥିଲେ ବ୍ୟବସାୟର ବାସ୍ତବତା । କ୍ରମଶଃ ତାଙ୍କର ଚିନ୍ତା ଶକ୍ତି, ଦୂରଦୃଷ୍ଟି ବୃଦ୍ଧି ପାଇବାକୁ ଲାଗିଲା । ବାପାଙ୍କ ବ୍ୟବସାୟ ସ୍ଥିର ଅବସ୍ଥାକୁ ଆଣିବା ପରେ ସେ ଉଇପ୍ରୋର ସଂପ୍ରସାରଣ ଆରମ୍ଭ କରିଦେଲେ । ହାଇଡ୍ରଲିକ ଇଞ୍ଜିନିୟରିଙ୍ଗ, ଆଇଟି, ମେଡିକାଲ ଇଲେକଟ୍ରୋନିକ୍‌ସ- ଏଇଭଳି ବିଭିନ୍ନ ବ୍ୟବସାୟ । ୧୯୬୬ରେ ଉଇପ୍ରୋର ବ୍ୟବସାୟ ଥିଲା ପ୍ରାୟ ଦଶ କୋଟି ଟଙ୍କା । ଅଶୀ ବର୍ଷ ପରେ ୨୦୨୬ରେ ଏବେ ପହଚିଂଛି ନବେ ହଜାର କୋଟି ଟଙ୍କାରୁ ଅଧିକରେ । କିନ୍ତୁ ଯାହା ଉଲ୍ଲେଖଯୋଗ୍ୟ, ବ୍ୟବସାୟର ଏଭଳି ଅଭିବୃଦ୍ଧି ହୋଇଛି ସଚ୍ଚୋଟପଣିଆ ମାଧ୍ୟମରେ । ଅନେକ ମନେ କରନ୍ତି ଅସତ୍ ପଥ ବିନା ବ୍ୟବସାୟରେ ସଫଳତା ପାଇବା ଅସମ୍ଭବ । କିନ୍ତୁ ପ୍ରେମଜୀଙ୍କର ଜୀବନ ଦର୍ଶନ ଭିନ୍ନ । ସେ ନିଜେ ସତ୍ ପଥରେ ଚାଲୁଥିଲେ ଏବଂ ବଡ଼ କଥା, ତାଙ୍କ ଅନୁଷ୍ଠାନର ସବୁ କର୍ମଚାରୀଙ୍କୁ ସତ୍ୟ ନିଷ୍ଠା ଓ ନୀତି ପରାୟଣତାର ରାସ୍ତାରେ ଚାଲିବା ପାଇଁ ନିରନ୍ତର ଭାବରେ କହୁଥିଲେ । 'ଇଟିଂଗ୍ରିଟି', ଅର୍ଥାତ୍ ଚାରିତ୍ରିକ ଅଖଣ୍ଡତା ଥିଲା ତାଙ୍କ ପାଇଁ ସର୍ବପ୍ରଧାନ । ଚାରିଟି ବିଷୟକୁ ଆଖି ସାମନାରେ ରଖି କାର୍ଯ୍ୟ କରିବା ପାଇଁ ସେ ସମସ୍ତଙ୍କୁ କହୁଥିଲେ । ପ୍ରଥମ, ଆଇନକୁ ସମ୍ମାନ ଦେବ । ଦ୍ୱିତୀୟ, ଯେଉଁଠି ଆଇନ ନାହିଁ, ସେଠି ବିବେକ କଥା ଶୁଣିବ । ତୃତୀୟ, ଯଦି ଆଇନ ଓ ବିବେକ ନେଇ ଦ୍ୱନ୍ଦ୍ୱ ଉଠେ, ତା'ହେଲେ ବିଜ୍ଞ ବ୍ୟକ୍ତିଙ୍କ ଉପଦେଶ ଗ୍ରହଣ କରିବ । ଶେଷରେ, ଏଭଳି କୌଣସି କାମ କରିବ ନାହିଁ, ଯାହା ଜନ ବିଦିତ ହୋଇଗଲେ, କ୍ଷଣିକ ପାଇଁ ହେଉ ପଛକେ ମୁଣ୍ଡକୁ ଯେମିତି ଲଜ୍ଜାରେ ନୁଆଁଇ ଦେବାକୁ ନ ପଡ଼େ । ଅଜିମ ପ୍ରେମଜୀଙ୍କ ହାତଗଢ଼ା ଉଇପ୍ରୋ ସଂସ୍ଥାରେ ତାଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାର ସୁଯୋଗ ମୋତେ ମିଳିଥିଲା ଏବଂ ଏଇଠି ମୋର ପରବର୍ତୀ ଜୀବନର ବ୍ୟକ୍ତି ଚରିତ୍ର ମଧ୍ୟ ଗଠିତ ହୋଇଥିଲା । ମାଇଣ୍ଡଟ୍ରି ପ୍ରତିଷ୍ଠା ହେବାର କିଛି ସମୟ ଆଗ କଥା । ସେତେବେଳେ ଉଇପ୍ରୋ କମ୍ପାନିର 'ଭିଜନ ଷ୍ଟେଟ୍‌ମେଂଟ'ରେ ଆଗାମୀ ୫ବର୍ଷକୁ ଆଖିରେ ରଖି ୫ଟି ଗୁଣାତ୍ମକ ଅଭିବ୍ୟକ୍ତି ରହିଥିଲା । ପ୍ରଥମଟି ହେଲା ବ୍ୟବସାୟର ବୃଦ୍ଧି । ଦ୍ୱିତୀୟ, ଲାଭ । ତୃତୀୟ, ଗ୍ରାହକମାନଙ୍କ ଆଖିରେ ଉଇପ୍ରୋର ମର୍ଯ୍ୟାଦା । ଚତୁର୍ଥ, କର୍ମଚାରୀମାନଙ୍କ ଆଖିରେ ଉଇପ୍ରୋ ପ୍ରତି ଅନୁରକ୍ତି । ଶେଷରେ, ଭାରତର ଶ୍ରେଷ୍ଠ ପଚାଶଟି ବ୍ୟାବସାୟିକ ଅନୁଷ୍ଠାନ ତାଲିକାରେ ସ୍ଥାନ ପାଇବାର ଆକାଂକ୍ଷା । ଏହି ପୃଷ୍ଠଭୂମିରେ ମୁଁ ଅଜିମ ପ୍ରେମଜୀଙ୍କୁ ପ୍ରଶ୍ନଟିଏ ପଚାରିଥିଲି । ଯଦି ଏଇ ୫ଟି 'ଭିଜନ' ଭିତରୁ ତାଙ୍କୁ କେବଳ ଗୋଟିଏ ମାତ୍ର ବାଛିବାକୁ ହୁଏ, ତେବେ ସେ କେଉଁଟିକୁ ବାଛିବେ । ପ୍ରେମଜୀ ଶାନ୍ତ ଭାବରେ ଉତର ଦେଇଥିଲେ, ଭାରତବର୍ଷର ସବୁଠାରୁ ଆଦୃତ ବ୍ୟାବସାୟିକ ଅନୁଷ୍ଠାନ ଭିତରୁ ଗୋଟିଏ ହେବା ତାଙ୍କର ପ୍ରଧାନ ଲକ୍ଷ୍ୟ । ତାଙ୍କ ପାଇଁ ସବୁଠାରୁ ଅଧିକ ହେଉଛି ଜନ ସମ୍ମାନ ଓ ସାମାଜିକ ସ୍ୱୀକୃତି । ସମୟ କ୍ରମେ ତାଙ୍କର ପ୍ରତ୍ୟେକଟି ଲକ୍ଷ୍ୟ ପୂରଣ ହୋଇଥିଲା । ତେବେ ତାହା ଠାରୁ ବଡ଼ କଥା ଅଜିମ ପ୍ରେମଜୀ ନିଜର ବ୍ୟକ୍ତିଗତ ଟଙ୍କାରେ ଅଜିମ ପ୍ରେମଜୀ ଫାଉଣ୍ଡେସନ ସ୍ଥାପନ କରିଥିଲେ ଏବଂ ପରବର୍ତୀ ସମୟରେ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିଲା । ପ୍ରେମଜୀ ଏଯାବତ୍ ନିଜ ବ୍ୟକ୍ତିଗତ ଅର୍ଥର ଅଶୀ ପ୍ରତିଶତ ଦେଶସେବା ତଥା ଜନହିତକାରୀ ଅନୁଷ୍ଠାନ ଗଠନ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ପୃଥିବୀର ସବୁଠାରୁ ବଡ଼ ବଦାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହିସାବରେ ସମସ୍ତଙ୍କର ସମ୍ମାନାସ୍ପଦ ହୋଇପାରିଛନ୍ତି । ସ୍କୁଲ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ଜନସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅଜିମ ପ୍ରେମଜୀ ଫାଉଣ୍ଡେସନ କାର୍ଯ୍ୟ କରିଚାଲିଛି । ଏବେ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଭାରତର ଶ୍ରେଷ୍ଠ ଶିକ୍ଷା ସଂସ୍ଥାନମାନଙ୍କ ମଧ୍ୟରୁ ଗୋଟିଏ । ବେଙ୍ଗାଲୁରୁ, ଭୋପାଳ, ରାଚିଂ ପରି ସହରରେ ଏବେ ହଜାର ହଜାର ଛାତ୍ରଛାତ୍ରୀ, ଗବେଷକ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅଛନ୍ତି । ପ୍ରେମଜୀଙ୍କୁ ଭାରତ ସରକାର ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ କରିଛନ୍ତି । ତେବେ ତା'ଠାରୁ ଆହୁରି ସୁନ୍ଦର ଘଟଣାଟିଏ ଘଟିଯାଇଛି । ୧୯୯୯ ମସିହାରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଏକଦା ଏକୋଇଶ ବର୍ଷୀୟ ସେଇ ଯୁବକଟିକୁ ପୁଣି ଥରେ ଆମନ୍ତ୍ରିତ କରିଥିଲା ଅଧା ରହିଯାଇଥିବା ପାଠପଢ଼ାକୁ ସମ୍ପୂର୍ଣ୍ଣ କରିବା ପାଇଁ । ୫୪ ବର୍ଷ ବୟସରେ ଇଞ୍ଜିନିଅରିଙ୍ଗ ପାଠ ସମାପ୍ତ କରିଥିଲେ ଉଇପ୍ରୋର ଚେଆରମ୍ୟାନ ଅଜିମ ହାଶାମ ପ୍ରେମଜୀ ।

ଢିଙ୍କିଶାଳରୁ ଢେଙ୍କାନାଳ ; ଓଡ଼ିଆ ସିନେମା : ବାଟ ଲେଉଟାଣି ବେଳ

ବହୁବର୍ଷ ତଳେ ବାଟ ହୁଡ଼ି ଅବାଟରେ ଅନେକ ବାଟ ମାଡ଼ିଗଲା ପରେ ପ୍ରାୟ ଦୁଇ ବର୍ଷ ହେଲା ଓଡ଼ିଆ ସିନେମା ପୁଣି ବାଟକୁ ଫେରିଲା ପରି ମନେ ହେଉଛି । କିଛି ପ୍ରତିଭାବାନ ଉଦୀୟମାନ ନିର୍ଦ୍ଦେଶକ, ଲେଖକ ଓ କଳାକାରଙ୍କର ଆବିର୍ଭାବ ଓଡ଼ିଆ ସିନେମା ଜଗତରେ ଆଶାର ସଚାଂର କରିଛି । ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ସଂଖ୍ୟକ ଓଡ଼ିଆ ସିନେମା ନିର୍ମିତ ହେଉଛି (୨୦୨୩ ମସିହାରେ ଏହି ସଂଖ୍ୟା ୪୯ରେ ପହଚିଂ ଏକ ନୂଆ କୀର୍ତିମାନ ସ୍ଥାପିତ ହୋଇଛି) । ଓଡ଼ିଆ ସିନେମା ପ୍ରତି ସମ୍ପୂର୍ଣ୍ଣ ବିମୁଖ ହୋଇପଡ଼ିଥିବା ଦର୍ଶକ ପୁଣିଥରେ ପ୍ରେକ୍ଷାଳୟମୁହାଁ ହୋଇଛନ୍ତି । ରାଜ୍ୟରେ ପ୍ରେକ୍ଷାଳୟର ଗୁରୁତର ଅଭାବକୁ ବଡ଼ ସହରମାନଙ୍କରେ ଗଢ଼ିଉଠୁଥିବା ମଲ୍‌ଟିପ୍ଲେକ୍ସଗୁଡ଼ିକ କିଛି ପରିମାଣରେ ଭରଣା କରିଥିଲା ବେଳେ ଡିଜିଟାଲ ଟେକ୍‌ନୋଲୋଜିର ଦ୍ରୁତ ଉନ୍ନତି ଓ ଅଭିବୃଦ୍ଧି ତଥା ଓ.ଟି.ଟି.ର ଆବିର୍ଭାବ ଅନେକ ଆଶାୟୀ, ଉତ୍ସାହୀ ଚଳଚ୍ଚିତ୍ର ନିର୍ମାତାଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି । ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଚରମ ଦୁର୍ଦ୍ଦିନ ମଧ୍ୟରେ ଗତି କରିଥିବା ଓଡ଼ିଆ ସିନେମା ଜଗତ ପାଇଁ ଏହାଠାରୁ ଅଧିକ ଉତ୍ସାହଜନକ ଆଉ କ'ଣ ବା ହୋଇପାରିଥାନ୍ତା ? ଓଡ଼ିଆ ସିନେମାର ଏ ''ବାଟ ଲେଉଟାଣି'' ଦୁଇ ବର୍ଷ ତଳେ ବିଶାଲ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ନିର୍ଦ୍ଦେଶିତ ତଥା ବାବୁଶାନ ମହାନ୍ତି ଅଭିନୀତ ''ଦମନ''ରୁ ଆରମ୍ଭ ହେଲା ବୋଲି କୁହାଯାଇପାରେ । ଦୁର୍ଗମ, ଆଦିବାସୀ ଅଧ୍ୟୁଷିତ ଅଂଚଳରେ ମ୍ୟାଲେରିଆ ନିରାକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ଜଣେ କର୍ତବ୍ୟନିଷ୍ଠ ଡାକ୍ତରଙ୍କ ବେସାଲିସ ସଂଘର୍ଷର ଏ କାହାଣୀ ଅନେକ ଦିନ ପରେ ଓଡ଼ିଆ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ଫେରାଇ ଆଣିଲା । ଫିଲ୍ମଟି ଭରପୂର ଦର୍ଶକୀୟ ଆଦୃତି ପାଇଲା । ସେହି ବର୍ଷ ଆସିଲା ବିଶିଷ୍ଟ ମଚଂ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ୱର୍ଗତ ଅମୀୟ ପଟ୍ଟନାୟକଙ୍କ ଦାୟାଦ ଅନୁପମ ପଟ୍ଟନାୟକ ନିର୍ଦ୍ଦେଶିତ ''ପ୍ରତୀକ୍ଷା'', ଯାହା ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ପାଇଲା । ଏ ଦୁଇଟି ଚଳଚ୍ଚିତ୍ରର ସଫଳତା ପରବର୍ତୀ ସମୟରେ ଆହୁରି ଅନେକ ''ଭଲ'' ଓଡ଼ିଆ ସିନେମା ପାଇଁ ବାଟ ଫିଟାଇ ଦେଲା । ଏହି କ୍ରମରେ ଯେଉଁ କେତେଟି ଚଳଚ୍ଚିତ୍ରର ନାମ ଉଲ୍ଲେଖନୀୟ, ସେଗୁଡ଼ିକ ହେଲା ପିନାକୀ ସିଂ ଓ ଶିଶିର କୁମାର ସାହୁ ନିର୍ଦ୍ଦେଶିତ ''ଫାଲ୍‌ଗୁନ ଚୈତ୍ର'' ଓ ''ମାଇଁ ସୁଇଟ୍ ହାଉସ ଓ୍ୱାଇଫ୍'', ଶୁଭ୍ରାଂଶୁ ଦାସ ନିର୍ଦ୍ଦେଶିତ ''ପୁଷ୍କରା'', ଅନୁପମ ପଟ୍ଟନାୟକ ନିର୍ଦ୍ଦେଶିତ ''ତ୍ରିକନ୍ୟା'', ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ଘଟଣା ଉପରେ ଆଧାରିତ ଓ ରାଜେଶ ଟଚ୍ ରିଭର ନିର୍ଦ୍ଦେଶିତ ''ମାଇଣ୍ଡ ଗେମ୍'', ଶୁଭେନ୍ଦୁ ବିଶ୍ୱାଳ ନିର୍ଦ୍ଦେଶିତ ନାରୀ ସ୍ୱାଧୀନତାର କାହାଣୀ ''ଏଇ ଆକାଶ ତଳେ'' ଓ ରାଜେନ୍ଦ୍ର ମହାନ୍ତି ନିର୍ଦ୍ଦେଶିତ ''ନିର୍ଣ୍ଣୟ'' । ''ଦମନ'' ଆସିବାର ବର୍ଷକ ପୂର୍ବରୁ ଯୁବ ନିର୍ଦ୍ଦେଶକ ଅମର୍ତ୍ୟ ଭଟ୍ଟାଚାର୍ଯ୍ୟ ନିର୍ଦ୍ଦେଶିତ ''ଏଡିଉ ଗୋଦାର୍ଦ'' ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବମାନଙ୍କରେ ପ୍ରଶଂସା ଓ ପୁରସ୍କାର ଲାଭ କରିଥିଲା । ଏ ସବୁ ଚଳଚ୍ଚିତ୍ରର ସଫଳତା ପ୍ରମାଣ କଲା ଯେ ଓଡ଼ିଆ ସିନେମା ପାଇଁ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ଏବେ ବି ଅତୁଟ ଅଛି । ସର୍ତ କେବଳ ଏତିକି ଯେ କାହାଣୀରେ ଦମ୍ ଥିବା ଦରକାର, ପରିବେଷଣରେ ଏକ ନୂତନତ୍ୱ ଥିବା ଦରକାର । ଓଡ଼ିଆ ଦର୍ଶକଟିଏ ସେଥିରେ ନିଜକୁ, ନିଜ ପରିଚିତଙ୍କୁ, ନିଜ ଦୈନନ୍ଦିନ ଜୀବନକୁ, ନିଜ ପରିବେଶକୁ ପାଇବା ଦରକାର । ପ୍ରେକ୍ଷାଳୟମାନଙ୍କରେ ବ୍ଲକ୍‌ବଷ୍ଟର ବଲିଉଡ୍ ଓ ହଲିଉଡ୍ ସିନେମା ଓ ଓ.ଟି.ଟି.ରେ ଉପଲବ୍ଧ ଭାରତୀୟ ଆଂଚଳିକ ଭାଷାରେ ନିର୍ମିତ ଛବି ସମେତ ପୃଥିବୀର ଶ୍ରେଷ୍ଠ ସିନେମା ଦେଖୁଥିବା ଓଡ଼ିଆ ଦର୍ଶକ ଯେ ଓଡ଼ିଆ ସିନେମା ପ୍ରତି ବୀତସ୍ପୃହ ନୁହେଁ, ତା'ର ସଦ୍ୟତମ ପ୍ରମାଣ ମିଳିଲା ଗତ ମାସ ଭୁବନେଶ୍ୱରର ଜୟଦେବ ଭବନ ଓ ତତ୍‌ସଂଲଗ୍ନ ଗୀତଗୋବିନ୍ଦ ସଦନରେ ''ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ'' ଦ୍ୱାରା ଆୟୋଜିତ ତିନିଦିନିଆ ଓଡ଼ିଆ ଚଳଚ୍ଚିତ୍ର ମହୋତ୍ସବ ସମୟରେ । ଏହି ତିନି ଦିନ ମଧ୍ୟରେ ବିଗତ ଦିନର କ୍ଲାସିକ ''ମଲ୍ଲାଜହ୍ନ'', ନୀରଦ ମହାପାତ୍ରଙ୍କ କାଳଜୟୀ ''ମାୟା ମିରିଗ'' ଓ ଜାତୀୟ ସ୍ତରରେ ପୁରସ୍କୃତ ସ୍ୱର୍ଗତ ସଂବିତ ମହାନ୍ତି ନିର୍ଦ୍ଦେଶିତ ''ହେଲୋ ଆର୍ସି'' ଓ ବିଶିଷ୍ଟ ଅଭିନେତ୍ରୀ ବିଜୟା (ଡଲି) ଜେନାଙ୍କ ନିର୍ଦ୍ଦେଶିତ ''ତାରା'' ଭଳି ଭବ୍ୟ ଓଡ଼ିଆ ସିନେମା ସମେତ ସମୁଦାୟ ୧୫ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେଲା ଏବଂ ସୁଖର କଥା ଯେ ପ୍ରାୟ ସବୁ ସୋ' ''ହାଉସ୍‌ଫୁଲ'' ଗଲା । ଆହୁରି ଉତ୍ସାହଜନକ ବିଷୟଟି ହେଲା, ସିନେମା ଦେଖିବା ପାଇଁ ଓ ସମାନ୍ତରାଳ ଭାବେ ଚାଲିଥିବା କର୍ମଶାଳା ଓ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ କେବଳ ଭୁବନେଶ୍ୱର ଓ କଟକରୁ ନୁହେଁ, ଓଡ଼ିଶାର ବିଭିନ୍ନ ଅଂଚଳରୁ ଅନେକ ଫିଲ୍ମପ୍ରେମୀ ଆସିଥିଲେ । ତେବେ କାହିଁକି ଓଡ଼ିଆ ସିନେମା ଏତେ ବର୍ଷ ଧରି ବନବାସରେ ରହିଥିଲା କାହିଁକି ଦର୍ଶକ ଓଡ଼ିଆ ସିନେମା ପ୍ରତି ଏତେ ବିମୁଖ, ବୀତସ୍ପୃହ ହୋଇପଡ଼ିଥିଲେ ? ସେଇ ଦର୍ଶକ ଏବେ ପୁଣି ଓଡ଼ିଆ ସିନେମା ଦେଖିବାକୁ ଆସୁଛନ୍ତି କେମିତି ? ସତକଥା ହେଲା- ଓଡ଼ିଆ ଦର୍ଶକ ସେଇଦିନ ଠାରୁ ଓଡ଼ିଆ ସିନେମାରୁ ମୁହଁ ଫେରେଇ ନେଇଥିଲେ ଯେଉଁଦିନ ଠାରୁ ଓଡ଼ିଆ ସିନେମାରେ ଓଡ଼ିଶାର ମାଟି, ପାଣି, ପବନର ପ୍ରତିଫଳନ ଆଉ ଦେଖିବାକୁ ମିଳିଲା ନାହିଁ । ଓଡ଼ିଆ ସିନେମା ବୋଲି କହି ଦର୍ଶକଙ୍କୁ ଯାହା ପରଷା ଗଲା, ସେଥିରେ ଓଡ଼ିଆ ରାନ୍ଧଣାର ସ୍ୱାଦ, ମହକ ଓ ମାଧୁର୍ଯ୍ୟ ରହିଲା ନାହିଁ । ତେଲୁଗୁ, ତାମିଲ କି ହିନ୍ଦୀ ସିନେମାର ''ଫ୍ରେମ୍ ବାଇ ଫ୍ରେମ୍'' କପିକୁ ଓଡ଼ିଆ ସିନେମା ଆଖ୍ୟା ଦେଇ ଦର୍ଶକ ଗଳାରେ ଜବରଦସ୍ତ ଠେଲିବାକୁ ଚେଷ୍ଟା କରାଗଲା । ପରିଣାମ ଯାହା ହବା କଥା, ତାହା ହିଁ ହେଲା । ଓଡ଼ିଆ ଦର୍ଶକ ଏ ଅରୁଚିକର ଖାଦ୍ୟ ଖାଇଲା ନାହିଁ । ନବେ ଦଶକର ଦ୍ୱିତୀୟାର୍ଦ୍ଧରେ ଆରମ୍ଭ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ରର ଏ ଦୁର୍ଗତି ପର୍ବ ମଧ୍ୟରେ ସନ୍ଦିଗ୍ଧ ସୂତ୍ରରୁ ଆସୁଥିବା ଅଧର୍ମ ବିତ ଯୋଗୁଁ ପୂର୍ବାପେକ୍ଷା ଅଧିକ ଓଡ଼ିଆ ଚଳଚ୍ଚିତ୍ର ନିର୍ମିତ ହେଲା । କିନ୍ତୁ ସେ ସବୁ ଦେଖିବା ପାଇଁ ଦର୍ଶକ ଆଉ ରହିଲେ ନାହିଁ । କୌତୂହଳର ବିଷୟ ହେଉଛି, ଲୋକେ ସିନେମା ନ ଦେଖିଲେ ବି, ହଲ୍ ଫାଙ୍କା ରହିଲେ ବି ଏହା ଫିଲ୍ମରେ ପୁଞ୍ଜି ନିବେଶକୁ ଆଦୌ ପ୍ରଭାବିତ, ପ୍ରତିହତ କି ନିରୁତ୍ସାହିତ କଲା ନାହିଁ । ବରଂ ଅଧିକରୁ ଅଧିକ ଲୋକ ସିନେମା ନିର୍ମାଣ ପାଇଁ ଆଗେଇ ଆସିଲେ, କାରଣ ଏହାଥିଲା ସେମାନଙ୍କ ''ସଉକ'' ଓ ସେ ସଉକ ପୂରଣ କରିବା ପାଇଁ ସେମାନଙ୍କ ହାତରେ ଥିଲା ଅସାଧୁ ଉପାୟରେ ଅର୍ଜିତ ପ୍ରଚୁର ଅର୍ଥ । ଜଣେ ବିଶିଷ୍ଟ ଫିଲ୍ମ ନିର୍ମାତାଙ୍କ ମତରେ ଏହି ପର୍ଯ୍ୟାୟରେ ଫିଲ୍ମ ନିର୍ମାଣ ପାଇଁ ଆବଶ୍ୟକ ସର୍ବନିମ୍ନ ଯୋଗ୍ୟତା ନ ଥିବା ଅନେକ ''ଟେକ୍‌ନିସିଆନ୍, କୋରିଓଗ୍ରାଫର, ଫାଇଟ୍ ମାଷ୍ଟର, ଏପରିକି ମେକ୍ ଅପ୍ ଆର୍ଟିଷ୍ଟ'' ମଧ୍ୟ ନିର୍ଦ୍ଦେଶକ ପାଲଟିଗଲେ ! ନିଜ ନାମ ପ୍ରକାଶ ନ କରିବା ସର୍ତରେ ଜଣେ ଅଭିନେତା କହନ୍ତି ଯେ ଓଡ଼ିଆ ସିନେମାର ଏ ଅଧୋପତନ ସମୟରେ ଅଭିନେତାଙ୍କୁ ପଟ୍ଟକଥା (ସ୍କ୍ରିପ୍ଟ) ବଦଳରେ ମୂଳ ସିନେମାର କ୍ୟାସେଟ୍ ବା ଡିଭିଡି ଦିଆଗଲା ! ଫଳରେ ସିନେମାର ମାନ କ୍ରମାଗତ ନିମ୍ନଗାମୀ ହୋଇଚାଲିଲା । ଦୁଇ ଦଶନ୍ଧିର ଅରଣ୍ୟବାସ ପରେ ଶେଷରେ ଓଡ଼ିଆ ସିନେମା ବାଟକୁ ଫେରିଛି ସତ । କିନ୍ତୁ ଏହାକୁ ନେଇ ଖୁବ୍ ବେଶୀ ଉତ୍‌ଫୁଲ୍ଲିତ ହେବାର କୌଣସି କାରଣ ନାହିଁ । କାରଣ ଅନ୍ୟ ଆଂଚଳିକ ଭାଷାର ଚଳଚ୍ଚିତ୍ର ତୁଳନାରେ ଓଡ଼ିଆ ଚଳଚ୍ଚିତ୍ର ଏବେ ବି ଅନେକ ପଛରେ । ବହୁସଂଖ୍ୟକ ସିନେମା ତିଆରି ହେଉଛି ସତ, କିନ୍ତୁ ସେଥିମଧ୍ୟରୁ ହାତଗଣତି କେତେଟିକୁ ଛାଡ଼ିଦେଲେ ଅଧିକାଂଶ ସିନେମା ଫ୍ଲପ୍ ହେଉଛି । ଓଡ଼ିଆ ସିନେମା ଆଶାନୁରୂପ ଅଗ୍ରଗତି କରିବାରେ ଏକ ବଡ଼ ବାଧକ ହେଉଛି ରାଜ୍ୟରେ ଆବଶ୍ୟକ ସଂଖ୍ୟକ ପ୍ରେକ୍ଷାଳୟର ଅଭାବ । ଅନେକେ ହୁଏତ ଏ କଥା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସାଢ଼େ ଚାରିକୋଟି ସମ୍ଭାବ୍ୟ ଦର୍ଶକଙ୍କ ଏ ରାଜ୍ୟରେ ପ୍ରେକ୍ଷାଳୟ ସଂଖ୍ୟା ମାତ୍ର ୬୦ ପାଖାପାଖି । ରାଜ୍ୟର ୩୦ ମଧ୍ୟରୁ ୧୬ଟି ଜିଲ୍ଲାରେ ଆଦୌ ସିନେମା ହଲ୍ ହିଁ ନାହିଁ ! ତେଣୁ ଭଲ ଓଡ଼ିଆ ଚଳଚ୍ଚିତ୍ର ନିର୍ମିତ ହେଲେ ବି ସେଗୁଡ଼ିକ ପ୍ରଦର୍ଶିତ ହେବା ପାଇଁ ରାଜ୍ୟରେ ଯଥେଷ୍ଟ ସଂଖ୍ୟକ ସିନେମା ହଲ୍ ନାହିଁ । କହିବା ବାହୁଲ୍ୟ ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଓ ସମ୍ବଲପୁର ପରି ବଡ଼ ସହରମାନଙ୍କରେ ଗଢ଼ି ଉଠୁଥିବା ମଲ୍‌ଟିପ୍ଲେକ୍ସଗୁଡ଼ିକ ଏ ଅଭାବକୁ ପୂରଣ କରିବାରେ ଅକ୍ଷମ । ଏମିତି ବି ମଲ୍‌ଟିପ୍ଲେକ୍ସଗୁଡ଼ିକ ବ୍ୟାବସାୟିକ କାରଣରୁ ଓଡ଼ିଆ ସିନେମା ଦେଖାଇବା ପାଇଁ ଆଗ୍ରହୀ ନୁହନ୍ତି । ଯଥେଷ୍ଟ ଦର୍ଶକ ସିନେମା ଦେଖିବାକୁ ଆସୁଥିଲେ ବି ସେମାନେ ବିଭିନ୍ନ ଆଳ ଦେଖାଇ ଓଡ଼ିଆ ସିନେମାକୁ ବେଶୀଦିନ ଚାଲିବାକୁ ଦିଅନ୍ତି ନାହିଁ । ତେଣୁ ଓଡ଼ିଆ ସିନେମା ଶିଳ୍ପକୁ ସମୃଦ୍ଧ କରିବା ପାଇଁ ସର୍ବପ୍ରଥମ ଆବଶ୍ୟକତା ହେଉଛି ରାଜ୍ୟର ସବୁ ଜିଲ୍ଲା, ସବୁ ସବ୍‌ଡିଭିଜନ, ଏପରିକି ସବୁ ବ୍ଲକ୍‌ରେ ପ୍ରେକ୍ଷାଳୟ ନିର୍ମାଣ । ତେଲୁଗୁ, ତାମିଲ, ବଙ୍ଗଳା, ମରାଠୀ ଆଦି କ୍ଷେତ୍ରୀୟ ସିନେମା ଓ.ଟି.ଟି. ଜରିଆରେ ସାରା ଦେଶର ଅସଂଖ୍ୟ ଦର୍ଶକଙ୍କ ପାଖରେ ପହଚୁଂ ଥିଲାବେଳେ ଦ୍ରୁତବେଗରେ ବୃଦ୍ଧି ପାଉଥିବା ଏହି ମଚଂରେ ଓଡ଼ିଆ ସିନେମାର ଉପସ୍ଥିତି ନାହିଁ କହିଲେ ଚଳେ । ଏ ଦିଗରେ ଚଳଚ୍ଚିତ୍ର ନିର୍ମାତାମାନେ ସଂଘବଦ୍ଧ ଉଦ୍ୟମ କରିବା ଆବଶ୍ୟକ । ଉନ୍ନତମାନର ଚଳଚ୍ଚିତ୍ର (ଓ ସିରିଜ୍) ନିର୍ମାଣ ହେଲେ ସେ ସବୁ ବିଭିନ୍ନ ଓ.ଟି.ଟି. ପ୍ଲାଟ୍‌ଫର୍ମରେ ନିଶ୍ଚୟ ସ୍ଥାନ ପାଇବ । ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପ୍ରସାର, ବିକାଶ ଓ ଅଗ୍ରଗତି ପାଇଁ ଏ ଶିଳ୍ପ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ରାଜ୍ୟ ସରକାରଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ସରକାରୀ ପ୍ରୋତ୍ସାହନ ଯେ ସିନେମା କ୍ଷେତ୍ରରେ କିପରି ବୈପ୍ଳବିକ ପରିବର୍ତନ ଆଣିପାରେ, ତାହାର ଉଦାହରଣ ଆମେ ଅଶୀ ଦଶକରେ ଦେଖିସାରିଛୁ । ଏବେ ଭାବିଲେ ସ୍ୱପ୍ନ ପରି ଲାଗେ ଯେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓ ଦିନେ ଥିଲା ସମଗ୍ର ପୂର୍ବ ଭାରତରେ ସିନେମା ନିର୍ମାଣର ଏକ ପ୍ରମୁଖ ହବ୍ । ବୁଦ୍ଧଦେବ ଦାସଗୁପ୍ତା, ଅଦୂର୍ ଗୋପାଳକ୍ରିଷ୍ଣନଙ୍କ ପରି ମହାନ ନିର୍ଦ୍ଦେଶକ ଦିନେ ନିଜ ସିନେମା ନିର୍ମାଣ ପାଇଁ ଧାଇଁ ଆସୁଥିଲେ ଭୁବନେଶ୍ୱର । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆଖିଦୃଶିଆ ସବ୍‌ସିଡି ରାଜ୍ୟ ଓ ରାଜ୍ୟ ବାହାରର ଅନେକ ପ୍ରଯୋଜକଙ୍କୁ ଏଠି ଫିଲ୍ମ ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଥିଲା । ବିଗତ ସରକାରଙ୍କ ସମୟରେ କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର ପାଇଁ ବହୁବାର ଘୋଷଣା, ଅର୍ଥ ବରାଦ ହୋଇଛି । କିନ୍ତୁ ବାସ୍ତବିକ ସ୍ଥିତିରେ କୌଣସି ବିଶେଷ ପରିବର୍ତନ ହୋଇନାହିଁ । ସିନେମା ନୀତି ପ୍ରଣୀତ ଓ ସଂଶୋଧିତ ହୋଇଛି । କିନ୍ତୁ ତାହାର କି ସୁଫଳ ମିଳିଛି, ତାହା କେହି ଜାଣନ୍ତି ନାହିଁ । ମୁଷ୍ଟିମେୟ ପ୍ରତିବଦ୍ଧ, ପ୍ରତିଭାଧର ନିର୍ମାତା ଓ ନିର୍ଦ୍ଦେଶକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଓଡ଼ିଆ ସିନେମାର ଏ ନୂତନ ପର୍ଯ୍ୟାୟରେ ନୂଆ ସରକାର ଆବଶ୍ୟକ ପ୍ରୋତ୍ସାହନ ଓ ସହଯୋଗ ଯୋଗାଇଦେଲେ ଓଡ଼ିଆ ସିନେମା ଯେ ପୁଣିଥରେ ଦର୍ଶକୀୟ ଆଦୃତି ଲାଭକରିବା ସହିତ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ନାମ ଉଜ୍ଜ୍ୱଳ କରିପାରିବ, ଏଥିରେ ସନ୍ଦେହ ନାହିଁ ।

ଶିବସେନା କ୍ଲବ ପକ୍ଷରୁ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଂଟ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ସହର ସର୍ବପୁରାତନ କ୍ଲବ ସୁପରିଚିତ ଶ୍ରୀ ଶ୍ରୀ ଶିବସେନା କ୍ଲବ ଆନୁକୂଲ୍ୟରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ୧୬ ଗୋଟି କ୍ରିକେଟ ଟିମ୍ ମଧ୍ୟରେ ଏକ ରାତ୍ର କାଳିନ ଗ୍ରାଉଣ୍ଡ ଶର୍ଟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି ଓ ଟିମ୍‌ଗୁଡିକ ପରସ୍ପର ମଧ୍ୟରେ ଆଠଟି ଲିଗ ମ୍ୟାଚ ଖେଳିଥିଲେ, ଫାଇନାଲ ମ୍ୟାଚକୁ ଜଗସିଂହପୁର ନୂଆ ପୋଖରୀ ଏକାଦଶ ଏବଂ କେନ୍ଦ୍ରାପଡ଼ା ବାଲାବାବା ଏକାଦଶ ଉତୀର୍ଣ୍ଣ ହୋଇଥିଲେ ଓ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିବା ବେଳେ ବାଜିମାରିନେଇଥିଲା ଜଗସିଂହପୁର ନୂଆ ପୋଖରୀ ଏକାଦଶ ଓ ଶିବସେନା କ୍ଲବ ପକ୍ଷରୁ ନଗଦ ୨୦,୦୦୦ ଟଙ୍କା ବିଜେତା ଟିମ୍‌କୁ ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ବାଲାବାବା ଏକାଦଶକୁ ୧୫,୦୦୦ ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିଲା ଓ ଟୁର୍ଣ୍ଣାମେଂଟରେ

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଜୈବ ବିବିଧତା ପରିଚାଳନା କମିଟି ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ଶିବିର

ଝାରସୁଗୁଡ଼ା,୨୦/୪(ନି/ପ୍ର): ଓଡ଼ିଶା ଜୈବବିବିଧତା ପରିଷଦ, ଝାରସୁଗୁଡ଼ା ବନଖଣ୍ଡ ଓ ଭୁବନେଶ୍ୱର ସ୍ଥିତ ସପ୍ନା ଅନୁଷ୍ଠାନର ସଂଯୁକ୍ତ ଉଦ୍ୟମରେ ଜୈବବିବିଧତା ପରିଚାଳନା କମିଟି (ବିଏମସି) ସଦସ୍ୟମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବୃଦ୍ଧି ଶିବିର ଆୟୋଜିତ ହୋଇଛି। ସ୍ଥାନୀୟ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ସମ୍ମିଳନୀ କକ୍ଷରେ ଏପ୍ରିଲ ୧୭ ଓ ୧୮ ତାରିଖରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜୈବବିବିଧତା ସଂରକ୍ଷଣ, ଜନ ଜୈବବିବିଧତା ପଞ୍ଜିକା ପ୍ରସ୍ତୁତି ଓ ସ୍ଥାନୀୟ ଜୈବ ସମ୍ପଦର ସଠିକ ପରିଚାଳନା ସମ୍ବନ୍ଧୀୟ ଜ୍ଞାନକୁ ସୁଦୃଢ଼ କରିବା। ଏହି ଅବସରରେ କିର୍ମିରା ଅଂଚଳର କି.ପାନପଲ୍ଲୀ ଗ୍ରାମ ପଚାଂୟତ ବିଏମସିକୁ ଏକ ବିଶେଷ ଷ୍ଟାର୍ଟଅପ ପାଣ୍ଠି ଯୋଗାଇ ଦିଆଯାଇଥିଲା। ଶିବିରରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ବ୍ରଜବନ୍ଧୁ ଭୋଇ ଓ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହ ଓଡ଼ିଶା ଜୈବବିବିଧତା ବୋର୍ଡର ଡ଼ିଏଫଓ ଶିଶିର କୁମାର ମିଶ୍ର, ବରିଷ୍ଠ ବୈଜ୍ଞାନିକ ଡଃ ସତ୍ୟ ରଞ୍ଜନ ବେହେରା, ଡଃ ପ୍ରସନ୍ନ କୁମାର ନାୟକ ଓ ପ୍ରଫେସର ଶିବ ପ୍ରସାଦ ପରିଡ଼ା ବୈଜ୍ଞାନିକ ଭିତିରେ ପରିବେଶ ଓ ଜୀବଜନ୍ତୁ ସଂରକ୍ଷଣ ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ବିଏମସିର ସଦସ୍ୟମାନେ ଶିବିରରେ ଯୋଗଦେଇଥିଲେ। ଗ୍ରାମ ପଂଚାୟତ ସ୍ତରରେ କମିଟିଗୁଡ଼ିକୁ କିପରି ଅଧିକ କ୍ରିୟାଶୀଳ କରାଯାଇପାରିବ ଓ ସ୍ଥାନୀୟ ଲୋକମାନେ କିପରି ଏହାର ଲାଭ ପାଇପାରିବେ, ସେଥିପରେ ଗୁରୁତ୍ୱ ଦିଆଯାଇଥିଲା। ସପ୍ନା ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସୌମ୍ୟ ଶେଖର ମିଶ୍ରଙ୍କ ସହ ମନୋରଞ୍ଜନ ମିଶ୍ର, ପ୍ରିୟବ୍ରତ ଦାଶ ଓ ଶିବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସ୍ଥିତ ସଦସ୍ୟମାନେ ଏହି ଶିବିରକୁ ପରିବେଶ ଓ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଅତ୍ୟନ୍ତ ଉପକାରୀ ଓ ଶିକ୍ଷଣୀୟ ବୋଲି ମତ ପ୍ରକାଶ କରିଛନ୍ତି।

ସମ୍ବଲପୁର ପୁଲିସର ବଡ଼ ସଫଳତା :

୧୧୪ଟି ଚୋରି ବା ହଜିଥିବା ମୋବାଇଲ୍ ଉଦ୍ଧାର, ମାଲିକଙ୍କୁ ହସ୍ତାନ୍ତର

ସମ୍ବଲପୁର,୨୦/୪(ନି/ପ୍ର): ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଯାଇ ବିଭିନ୍ନ ସ୍ଥାନରୁ ହଜିଯାଇଥିବା ମୋବାଇଲ୍ ଫୋନଗୁଡ଼ିକୁ ଉଦ୍ଧାର କରାଯାଇଛି। ସମୁଦାୟ ୧୧୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ବେଳେ ଏକ 'ମୋବାଇଲ୍ ହ୍ୟାଣ୍ଡଓଭର ମେଳା' ମାଧ୍ୟମରେ ସେଗୁଡ଼ିକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି। ପୁଲିସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ମୋବାଇଲଗୁଡ଼ିକ କୌଣସି ଚୋରି ମାମଲା ନୁହେଁ ବରଂ ବିଭିନ୍ନ ସମୟରେ ଲୋକଙ୍କ ଅସାବଧାନତା ଯୋଗୁଁ ହଜିଯାଇଥିଲା। ସେଥିପାଇଁ ଏହି ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇନାହିଁ। ସାଇବର ପୁଲିସ ଷ୍ଟେସନ ଏବଂ ବୈଷୟିକ ଟିମ୍ ସହାୟତାରେ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଅଭିଯୋଗକୁ ଆଧାର କରି ଏହି ସଫଳତା ମିଳିଛି। ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଥିବା ଅଂଚଳରୁ ଏହି ଫୋନଗୁଡ଼ିକ ଉଦ୍ଧାର କରାଯାଇଛି। ଏଥିମଧ୍ୟରେ ଅଇଁଠାପାଲି ଥାନାରୁ ସର୍ବାଧିକ ୨୫ଟି, ବୁର୍ଲା ଥାନାରୁ ୧୯ଟି, ଟାଉନ୍ ଥାନାରୁ ୧୨ଟି, କୁଚିଣ୍ଡା ଥାନାରୁ ୮ଟି ଏବଂ ଧନୁପାଲି ଥାନାରୁ ୬ଟି ମୋବାଇଲ୍ ସମେତ ଅନ୍ୟାନ୍ୟ ଥାନାରୁ ମଧ୍ୟ ଫୋନ୍ ଉଦ୍ଧାର ହୋଇଛି। ହଜିଯାଇଥିବା ଫୋନ୍ ଫେରି ପାଇବା ପରେ ମାଲିକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ଏବଂ ସେମାନେ ସମ୍ବଲପୁର ପୁଲିସର ଏହି ନିରନ୍ତର ପ୍ରୟାସକୁ ପ୍ରଶଂସା କରିଛନ୍ତି। ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ଯେ, ଯଦି କୌଣସି ବ୍ୟକ୍ତିଙ୍କ ମୋବାଇଲ୍ ହଜିଯାଏ, ତେବେ ତୁରନ୍ତ ପୋର୍ଟାଲରେ ଅଭିଯୋଗ କରନ୍ତୁ ଯଦ୍ୱାରା ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

ଆସନ୍ତା ଏପ୍ରିଲ ୨୩ରେ ଭାରତ ବନ୍ଦ

ବଲାଙ୍ଗୀର,୨୦/୪(ନି/ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ କାର୍ଯ୍ୟାଳୟ ଠାରେ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତଥା ଓବିସି, ଏସ୍‌ସି ଏସ୍‌ଟି ସମନ୍ୱୟ ସମିତି ଓଡିଶା ସଭାପତି ସରୋଜ କୁମାର ମେଶ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ଏପ୍ରିଲ ୨୩ ତାରିଖରେ ଭାରତ ବନ୍ଦ ଡାକରାକୁ ସମଗ୍ର ବଲାଙ୍ଗୀର ଜିଲ୍ଲାବାସୀ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ରଖାଯାଇଛି। ମଂଚାସିନ ରାଜ୍ୟ ଓବିସି ମଂଚର ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଲ ଭାରତ ବନ୍ଦ ର ଉଦ୍ଦେଶ୍ୟରେ ପ୍ରେସ ବିବୃତି ରଖି କହିଥିଲେ ଯେ ବର୍ତମାନର ଜନଗଣନା ୨୦୨୬ ର ୩୩ଟି ପ୍ରଶ୍ନର ୧୨ ନମ୍ବର ପ୍ରଶ୍ନରେ ଗୃହକର୍ତାଙ୍କ ଜାତି ଉଲ୍ଲେଖ ଅଛି। ଯାହା ଏସ୍‌ଟି ଏସ୍‌ସି ଏବଂ ଅନ୍ୟାନ୍ୟ ବୋଲି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି। ଯେଉଁଠି ଓବିସି ବର୍ଗର ତଥ୍ୟ ସରକାର ନେବା କଥା ନେଉ ନାହାନ୍ତି ଫଳରେ ଓବିସି ଜାତି ଗଣନା ବାଟବଣା ହୋଇସାରିଛି। ଗତ ୨୦୨୫ ଏପ୍ରିଲ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ଓବିସି ଜାତି ଗଣନା କରିବାକୁ ପ୍ରତିଶୃତି ଦେଇଥିଲେ ତାହା ମିଥ୍ୟା ପ୍ରମାଣିତ ହୋଇସାରିଛି। ଏଣୁ ୧୨ ନମ୍ବର ପ୍ରଶ୍ନରେ ଓବିସି ଲେଖିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ଏବଂ ସାମ୍ବାଦିକମାନଙ୍କୁ ଉଦ୍ବୋଧନ ଅବସରରେ ଶ୍ରୀ ବିଶ୍ୱାଲ କହିଲେ ଯେ ୪ଟି ପର୍ଯ୍ୟାୟରେ ଆମେ ସରକାରଙ୍କୁ ଏ ବିଷୟ ରେ ଅବଗତ କରିଛୁଁ ଏବଂ ଅନ୍ତିମ ପର୍ଯ୍ୟାୟରେ ଭାରତ ବନ୍ଦ ଡାକରା ଦେଇ ଚାପ ପକାଇବା ପାଇଁ ନିଷ୍ପତି ନେଇଛୁଁ। ଓବିସି ଏସ୍‌ଟି ଏସ୍‌ସିଙ୍କ ସପକ୍ଷରେ କଠୋର ଆଇନ ୨୦୨୬ ଲାଗୁ କରିବା ଅନିବାର୍ଯ୍ୟ ବୋଲି ଆଇନଜିବୀ ଦିନେଶ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ। ଓଡିଶାରେ ଓବିସି ଏସ୍‌ଟି ଏସ୍‌ସି ୯୦ ପ୍ରତିଶତ ମାତ୍ର ନିଯୁକ୍ତି ୩୦.୧୯ ପ୍ରତିଶତ ବୋଲି ଆଇନଜିବୀ ସନ୍ତନୁ ଭୋଇ କ୍ଷୋଭ ପ୍ରକାଶ କରିଥିଲେ । ଏହି ବନ୍ଦ ସମ୍ପୁର୍ଣ୍ଣ ଶାନ୍ତି ଶୃଙ୍ଖଳା ସହ କରାଯିବ। ସମସ୍ତ ଜରୁରୀ କାଳିନ ସେବା, ପରିକ୍ଷାର୍ଥିଙ୍କ ପରୀକ୍ଷା, ବିବାହ କାର୍ଯ୍ୟ ଏବଂ ସମ୍ବେଦନଶିଳ ପ୍ରସଙ୍ଗକୁ ବାଦ ଦେଇ ଚକ ଅଖ ଦୋକାନ ବଜାର ଠପ୍ କରି ଆନ୍ଦୋଳନକୁ ସମ୍ପୁର୍ଣ୍ଣ ଭାବେ ସହଯୋଗ କରିବାକୁ ସମସ୍ତଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ବଲାଙ୍ଗିର ସହରରେ ଆଗାମୀ ୨୨ ତାରିଖ ଦିନ ଘୋଷଣା କରାଯିବ ବୋଲି ସଂଗଠନର ସଭାପତି ସରୋଜ କୁମାର ମେଶ୍ରା ଏହି ପ୍ରେସ ବିବୃତିରେ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟାନ୍ୟ ୮ଟି ବିଷୟ ଉଲ୍ଲେଖ ଅଛି ଏବଂ ଏସ୍‌ଟିଙ୍କୁ ମୂଳ ଅଧିବାସୀ ଭାବରେ ଗ୍ରହଣ କରିବା ସହ ଓଡିଶାରେ ଆଦିବାସୀମାନଙ୍କୁ ଅତ୍ୟାଚାର ଏବଂ ଜଙ୍ଗଲ ଜମି ରୁ ଉଚ୍ଛେଦ କରାଯାଉଥିବାରୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସତ୍ୟ ନାରାୟଣ ଭୋଇ ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ସହଯୋଗ ଭିକ୍ଷା କରିଛନ୍ତି।

ଜାମାବାହାଲ ଛକରେ କୁନୁ ହତ୍ୟା ମାମଲା, ପୁଣି ୨ ଗିରଫ

ସମ୍ବଲପୁର,୨୦/୪(ନି/ପ୍ର): ରେଙ୍ଗାଲି ଥାନା ପୋଲିସ ଦ୍ୱାରା ପୁରୁଣା ବସ୍ତିର ସୌମ୍ୟ ରଞ୍ଜନ ବିଶ୍ୱାଳ ଓରଫ୍ କୁନୁ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ପ୍ରମୁଖ ଅଭିଯୁକ୍ତ ପୁରୁଣା ବସ୍ତିର ଚିନ୍ତାମଣି ବାଗ (୪୬) ଏବଂ କନ୍ଧେଇକେଲା ଗ୍ରାମର ପ୍ରତାପ ପାଧାନ (୨୬) । ସୂଚନାଯୋଗ୍ୟ ୨୦୨୬ ଏପ୍ରିଲ ୫ ତାରିଖରେ ଏହି ଜାମବାହାଲ ଛକରେ ଘଟିଥିଲା ଏକ ଚାଂଚଲ୍ୟକର ହତ୍ୟାକାଣ୍ଡ । ଏ ସମ୍ପର୍କରେ ପୋଲିସ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଜୋରଦାର ତନାଘନା କରି ମାତ୍ର ୩ ଦିନ ମଧ୍ୟରେ ତଥା ୨୦୨୬ ଏପ୍ରିଲ ୮ ତାରିଖରେ ୪ ଜଣ ସହ-ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜିର ୨ ଜଣ ଗିରଫ ହେବା ପରେ ଏହି ହତ୍ୟାକାଣ୍ଡ ମାମଲାର ସମସ୍ତ ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି ବୋଲି ଥାନା ସୂତ୍ରରୁ କୁହାଯାଇଛି । ଏହି ହତ୍ୟାକାଣ୍ଡର ପ୍ରାଥମିକ ତଦନ୍ତରେ ହସ୍ତଗତ ସୂଚନାନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଦୀର୍ଘ ଦିନ ଧରି ପ୍ରତିପକ୍ଷଙ୍କୁ ଟାର୍ଗେଟରେ ରଖିଥିବା ବେଳେ ହଠାତ୍ ଉଭୟ ପକ୍ଷ ମୁହାଁମୁହିଁ ହେବା ପରେ ମରଣାନ୍ତକ ଆକ୍ରମଣର ଶିକାର କୁନୁର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଆଜି ଗିରଫ ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଏସଡିଜେଏମ୍ କୋର୍ଟକୁ ଚାଲାଣ କରିଛି ।

ଗ୍ରୀଷ୍ମ ପ୍ରବାହ ବୃଦ୍ଧି କାରଣରୁ ତିନିଦିନ ଯାଏଁ ସମସ୍ତ ବିଦ୍ୟାଳୟ ବନ୍ଦ ଆଦେଶ

ସମ୍ବଲପୁର,୨୦/୪(ନି/ପ୍ର): ସମଗ୍ର ପଶ୍ଚିମ ଓଡ଼ିଶାରେ ଏବେ ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏପରିକି ସକାଳ ୯ଟା ପରଠାରୁ ଘରୁ ପଦାକୁ ବାହାରିବା ଅସମ୍ଭବ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ବିଭିନ୍ନ ସରକାରୀ ବେସରକାରୀ ସ୍କୁଲରେ ପାଠ ପଢୁଥିବା କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସମ୍ବଲପୁର ଜିଲ୍ଲା ପ୍ରଶାସନ ତିନିଦିନ ପର୍ଯ୍ୟନ୍ତ ଛୁଟି ଘୋଷଣାର ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଏପ୍ରିଲ ୨୦ରୁ ୨୨ ତାରିଖ ତିନି ଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ ଗୁଡିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ସମ୍ବଲପୁର ଜିଲ୍ଲା ଶିକ୍ଷା ବିଭାଗ। ସୂଚନାଯୋଗ୍ୟ ବର୍ତମାନର ମାତ୍ରାଧିକ ଟାଣ ଖରା ଓ ଅସହ୍ୟ ଗରମ ପାଇଁ ଦିନ ମଜୁରିଆଙ୍କ ରୋଜଗାର ଏକ ରକମର ଠପ୍ ହୋଇଯାଇଥିବା ବେଳେ ଅଧିକାଂଶ ଛୋଟମୋଟ ବ୍ୟବସାୟୀଙ୍କ ରୋଜଗାର ପସରା ଅଚଳ ହୋଇ ପଡ଼ିଲାଣି। ଏହି ତିନି ଦିନିଆ ଛୁଟି ଘୋଷଣା ଛାତ୍ରଛାତ୍ରୀଙ୍କ ଅଭିଭାବକ ମହଲକୁ ଏକରକମ ଆଶ୍ୱସ୍ତ କରାଇଥିବା ବେଳେ ଅସହ୍ୟ ଗ୍ରୀଷ୍ମ ଖଟିଖିଆ, ଦୀନ ମଜୁରିଆ ଓ ଗରିବ ଗୁରୁବାଙ୍କୁ ରୋଜଗାର ଶୂନ୍ୟ କରାଇଦେଇଛି। ରାଜ୍ୟ ସରକାର ଏଦିଗରେ କିଛି ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା କରାଇଲେ ବହୁ ଲୋକେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରୁ କୁହାଯାଉଛି।

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ 'ନାରୀଶକ୍ତି ବନ୍ଦନ ଦୌଡ଼' ଅନୁଷ୍ଠିତ

ମନୋରମା ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୦/୪(ନି/ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ବାରୋ ସ୍ଥିତ ଜିଲ୍ଲାର ଅନ୍ୟତମ ଘରୋଇ ଶିକ୍ଷାନୁଷ୍ଠାନ ମନୋରମା ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ର ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଉପସ୍ଥିତ ଛାତ୍ର, ଅଭିଭାବକ ଓ ଅଭିଭାବିକାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଉପଯୁକ୍ତ ବିକାଶ ପାଇଁ ସେମାନଙ୍କୁ ଅଧିକ ପଠନଶୀଳ ଓ ମନୋନଶୀଳ ହେବାକୁ ଉତ୍ସାହିତ କରିବା ଦିଗରେ ଉଦ୍ୟମ ହେବା ଆବଶ୍ୟକ।

ପରିତ୍ୟକ୍ତ ଖଣିରେ ବୁଡ଼ି ନାବାଳକ ମୃତ

କାଳିଆପାଣି,୨୦/୪(ନି/ପ୍ର): ଯାଜପୁରଜିଲ୍ଲା କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ପଚାଂୟତ ଓସ୍ତିଆ ଗାଁର ଏକ ପରିତ୍ୟକ୍ତ କ୍ରୋମାଇଟ୍ ଖଣିର ଗଭୀର ଜଳରାଶିରେ ବୁଡ଼ିଯାଇ ଓସ୍ତିଆ ଗାଁର ପଚଂମ ଶ୍ରେଣୀ ଛାତ୍ର ଆଲୋକ ମହାନ୍ତଙ୍କ ମୃତ୍ୟୁ ହୋଇଛି। ପାଖାପାଖି ୨୪ ଘଣ୍ଟା ପରେ ଆଜି ଭୁବନେଶ୍ୱରର ଅଗ୍ନିଶମ ବାହିନୀର ସ୍ୱତନ୍ତ୍ର ବୁଡ଼ାଳି(ସ୍କୁବା ଡାଇଭର) ଦିଲ୍ଲୀପ ଜେନା ଉକ୍ତ ଖଣିର ୩୦ ଫୁଟ ଗଭୀର ତଳେ ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଶହଶହ ଗ୍ରାମବାସୀ ଓ ଅଂଚଳବାସୀଙ୍କ ଉପସ୍ଥିତିରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ଏ ସଂକ୍ରାନ୍ତରେ ଆଜିଥାନାରେ ଏକ ଅପମୃତ୍ୟୁ ମାମଲା ୯/୨୬ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ କହନ୍ତି। ସ୍ଥାନୀୟ ଫେକର ଶ୍ରୀରାମ ଉପ୍ରା ସ୍କୁଲ ଛାତ୍ରର ଆଦର୍ଶଛାତ୍ର ଆଲୋକ ଗତକାଲି ସ୍କୁଲରୁ ଫେରି ଗାଧୋଇବା ପାଇଁ ବଡ଼ଭାଇ ଶଙ୍କର ସାଥୀରେ ସେହି ଖଣିକୁ ଯାଇଥିଲେ। ଖଣି ପାଣିକୁ ଡିଆଁ ମାରି ଜଳକ୍ରୀଡ଼ା କରୁଥିଲେ। ପାଖରେ ବାପା ଠିକା ଖଣି ଶ୍ରମିକ ତ୍ରିଲୋଚନ ମହାନ୍ତ ଲୁଗା ସଫା କରୁଥିଲେ। ଆଲୋକ ପାଣିରୁ ନଉଠିବା ଦେଖି ଶଙ୍କର ବାପାଙ୍କୁ ଡାକିଥିଲେ। ସୁକିନ୍ଦା ଅଗ୍ନିଶମ ବାହିନୀ ମଧ୍ୟାହ୍ନ ୧୨ ଟାରୁ ୪ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ହେଁ ଆଲୋକଙ୍କ ସନ୍ଧାନ ପାଇନଥିଲେ। ସୁକିନ୍ଦା ଅଗ୍ନିଶମ ବାହିନୀରେ ସ୍କୁବା ଡାଇଭିଂ ସରଞ୍ଜାମ, ବୋଟ୍ ଓ ଆନୁଷଙ୍ଗିକ ଉପକରଣ ନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅଗ୍ନିଶମ ବାହିନୀ ଅପମାନିତ ହୋଇଥିଲା। ରାତିରେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀର ସ୍ୱତନ୍ତ୍ର ବୁଡ଼ାଳି ଓ ନୌକା ବାହିନୀ ପହଚିଂ ଖୋଜାଖୋଜି କରିଥିଲେ ହେଁ ବିଫଳ ହୋଇଥିଲେ। ଶେଷରେ ଆଜି ସକାଳ ଭୁବନେଶ୍ୱରର ଅଗ୍ନିଶମ ଷ୍ଟ୍ରାଇକିଂ ଫୋର୍ସ ପହଚିଂ ଉଦ୍ଧାର କାର୍ଯ୍ୟ ଜାରିରଖିଥିଲେ। ୧୯୯୫ ମସିହାରୁ ଉକ୍ତ ଖଣି ଇମ୍ଫା ମାଲିକାନାରେ ଥିଲା। ୨୦୦୪ ମସିହାରୁ ଇମ୍ଫା ଏହାକୁ ସରକାରଙ୍କୁ ହସ୍ତାନ୍ତର କରିବା ପରେ ଏହି ଖଣି ଅଚଳ ହୋଇରହିଛି। ସେବେଠାରୁ ସରକାରଙ୍କ ଖଣି ବିଭାଗ ମାଲିକାନାରେ ଥିବା ଏହି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏଠାରେ ସରକାର କୌଣସି ସୁରକ୍ଷା ବ୍ୟବସ୍ଥା ନକରିବା ପରିପ୍ରେକ୍ଷୀରେ ଖଣି ମୁକୁଳା ପଡ଼ିଥିବା ଦର୍ଶାଇ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ଅମଳେନ୍ଦୁ ବୌଧୁରା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କୋଟିଏ ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି।

ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଉଦ୍‌ଯାପିତ

ଜୟପୁର,୨୦/୪(ନି/ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଦକ୍ଷିଣ ପ୍ରାଥମିକ ଗୋଷ୍ଠୀ ସାଧନ କେନ୍ଦ୍ର ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଉଦଯାପିତ ହୋଇଛି । ଜୟପୁର ସହରର ସୁନାରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ତା ୧୭.୦୪.୨୦୨୬ ଓ ୧୮.୦୪.୨୦୨୬ ରିଖ ଦୁଇ ଦିନ ଧରି ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ପ୍ରାଥମିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

ପୋଲିସ ପ୍ରଶାସନ ମଧ୍ୟରେ କ୍ରିକେଟ ଟ୍ରାଇଙ୍ଗୁଲାର ସିରିଜ, ଚାମ୍ପିଅନ୍ସ ଟ୍ରଫି ଜିତିଲା ସଦର ପୋଲିସ

ଜୟପୁର, ୨୦/୪(ନି/ପ୍ର):କୋରାପୁଟ ଜିଲ୍ଲା ପୋଲିସ ଅଧୀକ୍ଷକ ରୋହିତ ବର୍ମାଙ୍କ ନେତୃତ୍ୱରେ ଶୁକ୍ରବାର ଜୟପୁର ଦଶହରା ପଡ଼ିଆ ଠାରେ ଏକ ଟ୍ରାଇଙ୍ଗୁଲାର ସିରିଜ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ଟାଉନ ପୋଲିସ, ଜୟପୁର ସଦର ପୋଲିସ ଏବଂ ବୈପାରିଗୁଡ଼ା ପୋଲିସ ଏହି ତିନୋଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍ଘାଟନ ମ୍ୟାଚ୍ ରେ ବୈପାରିଗୁଡ଼ା ଦଳର ଅଧିନାୟକ ଭୂମିକା ଗ୍ରହଣ କରିଥିଲେ। ଏସପି ରୋହିତ ବର୍ମା ଏବଂ ଜୟପୁର ଟାଉନ ଥାନା ପୋଲିସ ଦଳର ନେତୃତ୍ୱ ନେଇଥିଲେ ଜୟପୁର ଏସଡିପିଓ କୁମାରୀ ଅର୍ଚ୍ଚିତା ମିତଲ୍। ୧୦ ଓଭର ବିଶିଷ୍ଟ ଏହି ମ୍ୟାଚ୍ ରେ ବୈପାରିଗୁଡ଼ା ପ୍ରଥମ ବ୍ୟାଟିଂ କରି ୪ ୱିକେଟ ହରାଇ ୬୨ ରନ ସଂଗ୍ରହ କରିଥିଲା। ଜୟପୁର ଟାଉନ ଦଳ ୫ ୱିକେଟ ହରାଇ ୬୩ ରନ ସଂଗ୍ରହ କରି ୧ ୱିକେଟ ବ୍ୟବଧାନରେ ବିଜୟ ଲାଭ କଲା। ଦ୍ୱିତୀୟ ମ୍ୟାଚ୍ ରେ ବୈପାରିଗୁଡ଼ା ପ୍ରଥମ ବ୍ୟାଟ୍ କରି ୫ ୱିକେଟ ହରାଇ ୬୭ ରନ କରିଥିଲା। ଜୟପୁର ସଦର ଦଳ ମାତ୍ର ୭.୫ ଓଭରରେ ୫ ୱିକେଟ ହାତରେ ରଖି ୬୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଅନ୍ତିମ ମ୍ୟାଚ୍ ରେ ଜୟପୁର ସଦର ଦଳ ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ୯ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା। ଏହି ଲକ୍ଷ୍ୟ ପହଂଚାଇବାରେ ଟାଉନ ଦଳ ଅସଫଳ ହୋଇ ୧୦ ଓଭରରେ ୭ ୱିକେଟ ହରାଇ ମାତ୍ର ୬୪ ରନ ସଂଗ୍ରହ କରିପାରିଲା। ଫଳରେ ଜୟପୁର ସଦର ପୋଲିସ ଦଳ ୨୦ ରନ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିଅନ୍ସ ଟ୍ରଫି ହାତେଇଛନ୍ତି। ଜୟପୁର ଟାଉନ ଥାନା ଦଳ ରନର୍ସ ଅପ୍ ଭାବେ ଉପହାର ଲାଭ କଲା। ଏହି ଅବସରରେ ଏସପି ରୋହିତ ବର୍ମା କହିଛନ୍ତି ଯେ, ଗ୍ରୀଷ୍ମ ଋତୁରେ ପୋଲିସ ବାହିନୀ କର୍ମୀଙ୍କ ଶାରୀରିକ ସୁସ୍ଥତା ଯାଂଚ୍ ସହ ଦଳଗତ ଭାବନା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଂଟ ଆୟୋଜନ କରାଯାଇଥିଲା। ଏହି ଟ୍ରାଇଙ୍ଗୁଲାର ସିରିଜରେ ଏସପି ରୋହିତ ବର୍ମା, ଅତିରିକ୍ତ ଏସପି ଅଭିଷେକ ପାଣିଗ୍ରାହୀ, ଆଇପିଏସ ପ୍ରୋବେସନାରୀ ଭି. ରମାସଦନ, ଏସଡିପିଓ ଅର୍ଚ୍ଚିତା ମିତଲ୍, ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ବୈପାରିଗୁଡ଼ା ଥାନା ଅଧିକାରୀ ଡମ୍ବରୁଧର ବଡ୍ରାଆ ଓ ବହୁ ସଂଖ୍ୟକ ପୋଲିସ କର୍ମୀ ଅଂଶଗ୍ରହଣ କରିଥିଲେ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମନ୍ୱୟ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା,୨୦/୪(ନି/ପ୍ର):ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଆସନ୍ତା ୨୧ତାରିଖରେ ଖୋର୍ଦ୍ଧା ଜିଲ୍ଲାର ମା 'ବରୁଣେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆୟୋଜନକୁ ସଫଳ କରିବା ନିମିତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଶନିବାର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗରୁ ଦିଆଯାଇଥିବା ତାଲିକା ଅନୁଯାୟୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କ ବିବାହ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆର୍ଥିକ ଦୁର୍ବଳ ପରିବାର ମାନଙ୍କୁ କନ୍ୟା ବିବାହ ପାଇଁ ସହାୟତା ପ୍ରଦାନ, ସମାଜରେ ଶିଶୁ ବିବାହକୁ ରୋକିବା ଓ ବିଧି ସମ୍ମତ ବୟସ ବିବାହକୁ ପ୍ରୋତ୍ସାହନ ଦେବା,ନାରୀ ମାନଙ୍କ ସମ୍ମାନ ଓ ସୁରକ୍ଷାକୁ ବଢ଼ାଇବା, କନ୍ୟା ସନ୍ତାନ ମାନଙ୍କ ପ୍ରତି ସାକାରତ୍ମକ ମନୋଭାବ ଗଢି ଉଠିବା, ସମାଜର ଲିଙ୍ଗଗତ ସମାନତାକୁ ଶକ୍ତିଶାଳୀ କରାଇବା ଏପରିକି ସମାଜରେ ଯୌତୁକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ଭଳି ଯୋଜନାର ମହତ ଉଦ୍ଦେଶ୍ୟ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରିଚାଳନାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ ଫୋରମ୍,ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ବିଭାଗ ଯଥା ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ,ପୋଲିସ ପ୍ରଶାସନ, ୱାଟକୋ ,ଟି ପି ସି ଓ ଡି ଏଲ, ପୌର ପରିଷଦ, ଖୋର୍ଦ୍ଧା,ସଫା ସୂତରା ଆଦି ବିଭିନ୍ନ କାର୍ଯ୍ୟ ଓ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଲକ୍ଷ୍ମଣ କୁମାର ବେହେରା,ଡେପୁଟୀ କଲେକ୍ଟର, ସାରା ମଲ୍ଲିକ, ସ୍ୱିଟୀ ସୋରେନ, ଆସିଷ୍ଟାଂଟ କଲେକ୍ଟର ରଷବ୍ ତ୍ରିପାଠୀ, ଇପ୍ସିତା ସାହୁ, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ମୀନକେତନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ,ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । ବୈଠକକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପରିଚାଳନା କରିଥିବା ବେଳେ ପି ଓ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

ଭାରତର ମହାମହିମ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ : ସୁରକ୍ଷା କଡାକଡି ସହିତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ରାଉରକେଲା,୨୦/୪(ନି/ପ୍ର): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଉରକେଲା ଗସ୍ତ ଏବଂ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିମାନବନ୍ଦର ପରିସରସ୍ଥ ପଡିଆରେ ରାଷ୍ଟ୍ରପତିଙ୍କ ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଥିବା ବେଳେ, ବିମାନବନ୍ଦର ପରିସରସ୍ଥ ପଡିଆକୁ ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହିତ ଆଜି ରିଙ୍ଗ୍ ରୋଡର ପ୍ରତ୍ୟେକ ଟ୍ରାଫିକ ପୋଷ୍ଟରେ ବ୍ୟାପକ ପୋଲିସ୍ ମୁତୟନ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଉରକେଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ପ୍ରସ୍ତୁତି ହୋଇଥିଲା ବେଳେ ସ୍କୁଲ ପିଲାମାନଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ବିମାନବନ୍ଦର ପରିସରସ୍ଥ ପଡିଆରେ ପ୍ରାକ୍ ପ୍ରସ୍ତୁତି ମଧ ଚାଲିଛି। ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିମାନବନ୍ଦର ପରିସରସ୍ଥ ପଡିଆରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ରାଉରକେଲା ବିମାନବନ୍ଦର ପରିସରସ୍ଥ ପଡିଆକୁ ପ୍ରସ୍ତୁତ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ସଭାସ୍ଥଳ ପରିଦର୍ଶନ ପାଇଁ ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟଙ୍କ ସମେତ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ଯାଂଚ କରିଥିବା ବେଳେ, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ମଧ୍ୟ ରାଉରକେଲାରେ ଅବସ୍ଥାନ କରି ପ୍ରଶାସନିକ ପ୍ରସ୍ତୁତିର ନିରିକ୍ଷଣ ମଧ୍ୟ କରିଛନ୍ତି। ଆଜି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ସମେତ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ନେଇ ରାଉରକେଲାରେ ଅବସ୍ଥାନ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ ନେଇ ଓଡ଼ିଶାର ପ୍ରମୁଖ ଶିଳ୍ପ ସହର ରାଉରକେଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଅବସର ଭାବରେ ବର୍ଣ୍ଣନା କରାଯାଉଛି। ତାଙ୍କ ଗସ୍ତ ସମୟରେ, ରାଷ୍ଟ୍ରପତି ପାନପୋଷ ଠାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରାକୁ ସଂରକ୍ଷଣ ପ୍ରଦର୍ଶନ କରିବା ସହ ଏହି ପ୍ରକଳ୍ପ

ରାଉରକେଲା ପାଇଁ ଏକ ପର୍ଯ୍ୟଟନ ସ୍ଥଳ ଭାବରେ ପରିଗଣିତ ହେବାକୁ ଯାଉଛି। ମହାମହିମ ରାଷ୍ଟ୍ରପତି ୨୦୨୬ ଅପ୍ରେଲ ୨୧ ତାରିଖରେ ରାଉରକେଲା ଗସ୍ତ ସମୟରେ ପ୍ରମୁଖ ସାର୍ବଜନୀନ ଭିତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ସହିତ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅପ୍ରେଲ ୨୧ ତାରିଖ ୧୧ଟା ୧୦ ସମୟରେ ରାଉରକେଲା ଠାରେ ପହଚିଂ ସନ୍ଧ୍ୟା ୪ଟା ୦୫ ସମୟରେ ପ୍ରସ୍ଥାନ କରିବେ। ଗସ୍ତ ସମୟରେ, ରାଷ୍ଟ୍ରପତି କେତେକ ପ୍ରକଳ୍ପର ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପଗୁଡିକ ମଧ୍ୟରେ ପାନପୋଷ ହକି ଛକ ନିକଟସ୍ଥ ରାଉରକେଲା ୱାନ୍ ମଧ୍ୟରେ ଥିବା ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର (ଓଡଉଉ) ଏବଂ ଆଦିବାସୀ ସଂଗ୍ରହାଳୟ। ରାଉରକେଲା ଛେଣ୍ଡ ବିଏସ୍ଏନ୍ଏଲ୍ ଛକ ଠାରେ ଥିବା ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍। କୋଏଲନଗର ଠାରେ ଥିବା ମନୋରଞ୍ଜନ ପାର୍କ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ସୁନ୍ଦରଗଡ଼ ଜିଲ୍ଲାର ୧୦,୦୦୦ରୁ ଅଧିକ ସ୍କୁଲ ଓ କଲେଜ। ଏଥିସହିତ ଛାତ୍ରଛାତ୍ରୀ ଏବଂ ୩୫ରୁ ଅଧିକ ସାଂସ୍କୃତିକ ଗୋଷ୍ଠୀଙ୍କ ଅଂଶଗ୍ରହଣରେ ଏକ ସାଂସ୍କୃତିକ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ସୁନ୍ଦରଗଡ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗ ଦ୍ୱାରା ୩୦ଟି ଷ୍ଟଲ୍ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି। ଉଦ୍ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଅଟକଳ ମୂଲ୍ୟ ଅନୁସାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (ଓଉଉଉ) ୪୮ କୋଟି, ୪୦ କୋଟି ମୂଲ୍ୟ ବ୍ୟୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ। କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ୪୨.୪୪ କୋଟି। ଛେଣ୍ଡ ଠାରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟାରିୟମ୍ ୨୭ କୋଟି ଟଙ୍କାର ବୋଲି ସୂଚନା ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତରେ ରାଉରକେଲାର ସହରାଂଚଳ ଭିତିଭୂମିକୁ ସୁଦୃଢ଼ କରିବା ସହ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହିତ ସାର୍ବଜନୀନ ସୁବିଧାକୁ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଏ।

ରାଉରକେଲାରେ ଉଦ୍‌ଘାଟିତ ହେଲା ମ୍ୟାକ୍ ପାନାରୋମା ହେଲଥ୍ ହବ୍

ରାଉରକେଲା,୨୦/୪(ନି/ପ୍ର): ଆଜି ରାଉରକେଲା ସହରର ତାରିଣୀ ମନ୍ଦିର ସମ୍ମୁଖ ସିଭିଲ୍ ଟାଉନସିପ୍ ପ୍ଲଟ ଓ କମ୍ପ୍ଲେକ୍ସ ନମ୍ବର ୪ ଓ ୫ରେ ଉଦ୍ଘାଟିତ ହୋଇଯାଇଛି ମ୍ୟାକସ୍ ପାନାରୋମାଏକ୍ସମ୍ ସୋଲ୍ୟୁସନର 'ମ୍ୟାକ୍ ପାନୋରୋମା ହେଲଥ୍ ହବ୍'। ମ୍ୟାକ୍ ପାନାରୋମା ହେଲଥ୍ ହବ୍ ଉଦ୍ଘାଟନ ହେବା ଦ୍ୱାରା ରାଉରକେଲା ତଥା ସୁନ୍ଦରଗଡ଼ର ଜନସାଧାରଣ ସ୍ୱାସ୍ଥ୍ୟଗତ ପରୀକ୍ଷା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବନାହିଁ ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।ଏହି ଅବସରରେ ଆଜି ମ୍ୟାକ୍ ପାନାରୋମା ହେଲଥ୍ ହବ୍ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ମ୍ୟାକ୍ ପାନାରୋମା ହେଲଥ୍ ହବକୁ ଉଦ୍ଘାଟନ କରିଥିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ।ଏଥିସହିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି

ଭାବରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ବଣେଇ ରାଜା ଯୋଗଦେଇ ମ୍ୟାକ୍ ପାନାରୋମା ହେଲଥ୍ ହବର ଡାୟାଲିସିସ୍, ଏଣ୍ଡୋସ୍କୋପି, ରେଡିଓଲୋଜି, ଇସିଜି ବିଭାଗ ପରିଦର୍ଶନ କରିବା ସହିତ ରୋଗୀ ସୁବିଧା ବିଷୟରେ ପଚାରି ବୁଝିଥିଲେ। ମ୍ୟାକ୍ ପାନାରୋମା ହେଲଥ୍ ହବର ପ୍ରତିଷ୍ଠାତା ତାପସ ଆଚାର୍ଯ୍ୟ ଏବଂ ବ୍ରିଟେନରେ ଡାକ୍ତରୀ ଚିକିତ୍ସା କରୁଥିବା ତାଙ୍କ ପୁତ୍ର ଡାକ୍ତର ରୋଶନ ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାରେ ରୋଗୀମାନଙ୍କୁ ୨୪/୭ ଦିନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହିତ ଡାକ୍ତର ପରାମର୍ଶ, ବ୍ୟକ୍ତିଗତ ରୋଗୀ ଯତ୍ନ ସହିତ ରୋଗୀଙ୍କ ଘରପାଖରେ ଔଷଧ ପହଚାଂଇ ଦେବାର ବ୍ୟବସ୍ଥା ରହିଛି ବୋଲି ଆଜିର ଉଦ୍ଘାଟନୀ ଉତ୍ସବରେ କହିଛନ୍ତି ସମାଜସେବୀ ତାପସ ଆଚାର୍ଯ୍ୟ। ଏଥିସହିତ ରାଉରକେଲା ଜନସାଧାରଣ ମ୍ୟାକ ପାନାରୋମା ହେଲଥ୍ ହବର ସୁଯୋଗ ନେବା ପାଇଁ କହିଛନ୍ତି ତାପସ ଆଚାର୍ଯ୍ୟ।

ଭଗ୍ନ ଅବସ୍ଥାରେ ଭୋଜପୁର ଗ୍ରାମୀଣ ପାର୍କ

ନୂଆପଡ଼ା,୨୦/୪(ନି/ପ୍ର): ପ୍ରହସନ ପାଲଟିଛି ରାଜ୍ୟ ସରକାରଙ୍କ ଗ୍ରାମୀଣ ପାର୍କ ଯୋଜନା । ପ୍ରତି ପଚାଂୟରେ ଗ୍ରାମୀଣ ପାର୍କ ନିର୍ମାଣ କରି ବାହାବା ନେଉଛନ୍ତି ରାଜ୍ୟ ସରକାର । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ନିର୍ମାଣଧୀନ ପାର୍କ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି । ନେତା ବି ଚୁପ ପ୍ରଶାସନ ବି ଚୁପ । ଏ ଦୃଶ୍ୟ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଭୋଜପୁର ପଚାଂୟତରେ ଥିବା ଗ୍ରାମୀଣ ପାର୍କର ଦୃଶ୍ୟ । ଏହି ପାର୍କର ମୁଖ୍ୟ ଗେଟ ଅର୍ଦ୍ଧ ନିର୍ମିତ ହୋଇ ଖୋଲା ରହିଥିବା ବେଳେ ଭିତର ଦୃଶ୍ୟ ଟିକେ ନଜର ପକାନ୍ତୁ। ପାର୍କ ମଧ୍ୟ ଭାଗରେ ଥିବା ଜଳ କୁଣ୍ଡର ମାର୍ବଲ ଭାଙ୍ଗି ଯାଇଥିବା ବେଳେ ପାର୍କ ଭିତରେ ଥିବା ଗଳି ରାସ୍ତା ମଧ ଭାଙ୍ଗି ଗଲାଣି । ଗାର୍ଡେନ ବାଡ଼ରେ ଲାଗିଥିବା ଇଟା ସବୁ ଭାଙ୍ଗି ଚୁରମାର ହେଉଛି । ଷ୍ଟାଣ୍ଡରେ ନା ଅଛି ଝୁଲଣା ନା ଏ ପର୍ଯ୍ୟନ୍ତ ପାର୍କକୁ ହୋଇପାରିଛି ପାଣି ସଂଯୋଗ । ଗୋଟିଏ ପ୍ରକାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହି ପାର୍କ ଭଙ୍ଗା ଦଦରା ହୋଇ ଗଲାଣି । ଆଉ ଏଠି ମଦୁଆ ମାନେ ଆଡ୍ଡା କରି ସାରିଛନ୍ତି। ପାର୍କ ସାରା କାଚ ବୋତଲ ଓ କାଚ ଟୁକଡା ପଡି ରହିଛି। ପାର୍କ ଉଦଘାଟନ ହୋଇନି ହେଲେ ପାର୍କ ଅବସ୍ଥା କହିଲେ ନ ସରେ । ପୁନଃ ପାର୍କ କାର୍ଯ୍ୟ ନିର୍ମାଣ ପାଇଁ ଦାବୀ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଏହି ପାର୍କ ନିର୍ମାଣ ପାଇଁ ୨୦୧୯-୨୦ ରେ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୩ ଲକ୍ଷ ୮୪ ହଜାର ୨୦୦ ଟଙ୍କା, ୨୦୨୧-୨୨ ରେ ମନରେଗାରୁ ୨୦ ଲକ୍ଷ ୬୫ ହଜାର ୨୭୪ ଟଙ୍କା ବ୍ୟୟ ବରାଦ ହୋଇଛି ।

ଭଗବାନ ପର୍ଶୁରାମ ଜୟନ୍ତୀ ଅବସରରେ ମନ୍ଦିରରେ ପୂଜା ଓ ପ୍ରସାଦ ବଂଟନ

ରାଉରକେଲା,୨୦/୪(ନି/ପ୍ର): ରଜତ ଜୟନ୍ତୀ ବର୍ଷ ଅବସରରେ ବ୍ରାହ୍ମଣ କଲ୍ୟାଣ ସଭା ଦ୍ୱାରା ଆୟୋଜିତ ଦୁଇ ଦିନିଆ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ, ମନ୍ଦିରର ପୁରୋହିତଙ୍କ ଦ୍ୱାରା ହନୁମାନ ଭାଟିକା ପରିସର ସ୍ଥିତ ପ୍ରଭୁ ପର୍ଶୁରାମ ମନ୍ଦିରରେ ସକାଳ ୧୦ଟାରୁ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ମନ୍ଦିର ପରିସରକୁ ଫୁଲ ଏବଂ ରଙ୍ଗୀନ ଆଲୋକରେ ସଜାଯାଇଥିଲା। ଏହି ଅବସରରେ ବ୍ରାହ୍ମଣ କଲ୍ୟାଣ ସଭାର ସଭାପତି ବିନୟ ଶର୍ମା ଓ ତାଙ୍କ ପତ୍ନୀ ଶିଖା ଶର୍ମାଙ୍କ ସହିତ ଆବାହକ ଭାବରେ ପୂଜାରେ ଅଂଶଗ୍ରହଣ କରିଥିଲେ। ସମାଜର କର୍ମକର୍ତ୍ତା, ପୂର୍ବତନ ସଭାପତି ଏବଂ ସଦସ୍ୟମାନେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପୂଜା, ହୋମ ଓ ଆରତୀରେ ଅଂଶଗ୍ରହଣ କରିଥିଲେ। ପୂଜା ପରେ ପ୍ରଭୁ ପର୍ଶୁରାମଙ୍କ ଆରତୀ କରାଯାଇଥିଲା। ମନ୍ଦିର ପରିସର ସମ୍ମୁଖରେ ଭକ୍ତମାନଙ୍କୁ ତରଭୁଜ, କଚାଂ ଆମ୍ବ ଏବଂ ପାଣି ବଂଟନ କରାଯାଇଥିଲା। ଏହା ପରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଉପାଧକ୍ଷ ଦିଲୀପ ଶର୍ମା ଟିଙ୍କୁ ଚୌମଲ, ସମ୍ପାଦକ ସଞ୍ଜୟ ଶିଖୱାଲ, ଯୁଗ୍ମ ସମ୍ପାଦକ ମହେଶ ଶର୍ମା ଏବଂ ପ୍ରଦ୍ୟୁମ୍ନ ଶର୍ମାଙ୍କ ସହିତ ପୂର୍ବତନ ସଭାପତି ଯୁଗଳ କିଶୋର ଶର୍ମା, ଶ୍ରବଣ ପାରିକ, ମୁରାରୀ ଚୌମଲ, ରାମ ଅବତାର ଶର୍ମା, ଭନୱରଲାଲ ଛୋଟିଆ, ବରିଷ୍ଠ ସଦସ୍ୟ ସୁଭାଷ ଜୋଶୀ, ପୁରୁଷୋତମ ଚୌମଲ, ରାଜେଶ ଶର୍ମା, ବିନୋଦ ଶର୍ମା, ସୁରେଶ ଶର୍ମା, ଶ୍ୟାମ ଶର୍ମାଙ୍କ ସହିତ ସମାଜର ମହିଳା ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବରେ ସାମିଲ ହୋଇଥିଲେ। ଏହି ଅବସରରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

ଶ୍ରୀ ଶ୍ରୀ ସଂକଟମୋଚନ ହନୁମାନ ଏବଂ ବିଶ୍ୱନାଥ ମହାଦେବଙ୍କ ବାର୍ଷିକ ଉତ୍ସବ

ରାଉରକେଲା,୨୦/୪(ନି/ପ୍ର): ଛେଣ୍ଡ କଲୋନୀ ସ୍ଥିତ ଆରଡିଏ କଲୋନୀ ନିକଟସ୍ଥ କଳିଙ୍ଗବିହାର ରୋଡ ଠାରେ ଅବସ୍ଥିତ ଶ୍ରୀ ଶ୍ରୀ ସଂକଟମୋଚନ ହନୁମାନ ଏବଂ ବିଶ୍ୱନାଥ ମହାଦେବଙ୍କ ୨୧ତମ ବାର୍ଷିକ ଉତ୍ସବ-୨୦୨୬ ଦୁଇ ଦିନ ଧରି ଚାଲିବା ପରେ ଆଜି ସମାପନ ହୋଇଯାଇଛି। ୨୦୦୬ରେ କେତେକ ଭକ୍ତଙ୍କୁ ନେଇ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ସଂକଟ-ମୋଚନ ହନୁମାନ ଏବଂ ବିଶ୍ୱନାଥ ମହାଦେବ ମନ୍ଦିର ଆଜି ୨୧ତମ ବାର୍ଷିକ ଉତ୍ସବ-୨୦୨୬ ପାଳନ କରିଛି। ଏହି ଅବସରରେ ସଂକଟମୋଚନ ହନୁମାନ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଏପ୍ରିଲ ୧୯ ତାରିଖ ରବିବାର ଦିନ ପ୍ରାତଃ ୭ଟା ୩୦ ମିନିଟ୍ ସମୟରେ ଜଳଯାତ୍ରା, ଅପରାହ୍ନ ୧୨ଟା ୩୦ ମିନିଟ୍ ସମୟରେ ରୁଦ୍ରାଭିଷେକ, ସନ୍ଧ୍ୟା ୭ଟା ସମୟରେ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେହିପରି ଦ୍ୱିତୀୟ ଦିବସରେ, ଏପ୍ରିଲ ୨୦ ତାରିଖ ସୋମବାର ଦିନ ପ୍ରାତଃ ୬ଟାରେ ସୂର୍ଯ୍ୟ ପୂଜା, ୯ଟା ୧୫ ସମୟରେ ପୂର୍ଣ୍ଣାହୁତି, ଆଳତୀ ଓ ପୁଷ୍ପାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୭ଟା ୩୦ ସମୟରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଆରଡିଏ କଲୋନୀ, କଳିଙ୍ଗବିହାର, ଛେଣ୍ଡ କଲୋନୀ ସମେତ ରାଉରକେଲା ଶିଳ୍ପାଂଚଳର ଶହ ଶହ ଭକ୍ତ ଶ୍ରୀ ଶ୍ରୀ ସଂକଟମୋଚନ ହନୁମାନ ଏବଂ ବିଶ୍ୱନାଥ ମହାଦେବଙ୍କ ୨୧ତମ ବାର୍ଷିକ ଉତ୍ସବ-୨୦୨୬ରେ ପ୍ରସାଦ ସେବନ କରିଥିଲେ। ସଂକଟମୋଚନ ହନୁମାନ ମନ୍ଦିର ପରିଚାଳନା ସମିତିର ସଭାପତି ଶ୍ରୀକାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, ଉପସଭାପତି ରାଜୀବ ଶର୍ମା, ବିଚେନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ଜେନାଙ୍କ ସମେତ ଶ୍ୟାମସୁନ୍ଦର ଜେନା, ଜଗଦୀଶ ଶର୍ମା, ସୁଶାନ୍ତ କୁମାର ପଣ୍ଡା, ଆମ୍ବା ଖୁସଓ୍ୱା ପ୍ରମୁଖଙ୍କ ଉଦ୍ୟମ ଓ ସହଯୋଗ ତଥା ହନୁମାନ ମନ୍ଦିର ପୂଜକ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଓ ସୁଧାଂଶୁ ମିଶ୍ରଙ୍କ ତତ୍ୱାବଧାନରେ ଏହି ବାର୍ଷିକ ଉତ୍ସବ-୨୦୨୬ ସମାପନ ହୋଇଯାଇଛି।

ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିରର ରଥକାଠ ଅନୁକୂଳ ସହ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ରାଉରକେଲା,୨୦/୪(ନି.ପ୍ର):ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଇସ୍ପାତ ସହରର ସର୍ବପୁରାତନ ପ୍ରଚୀନ ଦେବପୀଠ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ରେ ମହାପ୍ରଭୁ ଶ୍ରୀ ବଳଭଦ୍ର,ଶ୍ରୀଜଗନ୍ନାଥ, ମା ସୁଭଦ୍ରାଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆଜି ସକାଳ ୭ ଘଟିକା ସମୟରେ ରଥଖଳାରେ ରଥକାଠ ଅନୁକୂଳ କରାଯାଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ସହ ହୋମ ଆଦି କରି ରଥକାଠ ର ପୂଜା ସମାପନ ହୋଇଥିଲା। ଏହି ରଥକାଠ ଅନୁକୂଳ କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଟ୍ରଷ୍ଟି ସୁଧିର ସୁନ୍ଦର ରାୟ ଓ ବିଜୟ ପତ୍ରୀ ଉପସ୍ଥିତ ଥିଲେ। ସେହିପରି ଶ୍ରୀ ହରିହର ଜଗନ୍ନାଥ ଦଇତାପତି ସେବାୟତ ନିଯୋଗ ର ସଭାପତି ପ୍ରକାଶ ଚନ୍ଦ୍ର ଦାସ ଓ ସାଧାରଣ ସମ୍ପାଦକ କିଶୋର କୁମାର ନାୟକ ଙ୍କ ସମେତ ଅନ୍ୟାନ୍ୟ ଦଇତାପତି ଓ ସେବାୟତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ପୁରୋହିତ ପରମେଶ୍ୱର ପତି ଓ ମାନସ ରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କାର୍ଯ୍ୟ କରିଥିବା ବେଳେ ଜଗନ୍ନାଥ ମନ୍ଦିର ବଡ଼ପଣ୍ଡା ତ୍ରିନାଥ ପାଢ଼ୀ ଏଥିରେ ସହଯୋଗ କରିଥିଲେ ।ରଥ କାଠ ଅନୁକୂଳ ହେବା ପରେ ମହାରଣା ଆନୁଷ୍ଠାନିକ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସଂଧ୍ୟା ସମୟରେ ଆଜି ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଚନ୍ଦନ ପୁଷ୍କରିଣୀ ରେ ମହାପ୍ରଭୁ ଙ୍କ ଚାପଖେଳ ବା ଚନ୍ଦନ ଯାତ୍ରା ଆରମ୍ଭ ହେବ। ଏହି ଚନ୍ଦନଯାତ୍ରା ଆସନ୍ତା ମେ ମାସ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସଂଧ୍ୟା ୭ ଘଟିକା ରେ ଅନୁଷ୍ଠିତ ହେବ। ଶ୍ରୀ ବିଗ୍ରହ ଙ୍କୁ ପାଲିଙ୍କି ରେ ଆଣି ଡଙ୍ଗା ରେ ବସାଇ ପୁଷ୍କରିଣୀ ରେ ବିହାର କରିବା ର ବିଧି ରହିଛି। ଆଜି ଏହି ଚନ୍ଦନଯାତ୍ରା କାର୍ଯ୍ୟକ୍ରମ ରେ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନା ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗ ଦେବା ର କାର୍ଯ୍ୟକ୍ରମ ରହିଛି।

ଯୁବକଙ୍କୁ ଅପହରଣ ଓ ହତ୍ୟା ଅଭିଯୋଗ, ୨ ଅଟକ

ଗଞ୍ଜାମ,୨୦/୪: ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ଘାଟିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ନାମ ରାଜଦୀପ ସାହୁ । ତାଙ୍କ ଘର ପୋଲସରା ଥାନା ଅନ୍ତର୍ଗତ ମାଳତେନ୍ତୁଳିଆ ଗ୍ରାମରେ ବୋଲି ଜଣାପଡିଛି । ରାଜଦୀପ ଗତ ଗୁରୁବାର ଠାରୁ ଘରୁ ନିଖୋଜ ଥିଲେ । ବୁଲିବାକୁ ଯାଉଛି କହି ସେ ଘରୁ ଯାଇଥିଲେ ହେଲେ ଆଉ ଫେରିନଥିଲେ । ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଗତକାଲି ତାଙ୍କ କ୍ଷତାକ୍ତ ମୃତଦେହ ସୋରଡ଼ା ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ବଡଘାଟିରୁ ପୋଲିସ ଉଦ୍ଧାର କରିଥିଲା । ଶବ ଚିହ୍ନଟରେ ତାହା ରାଜଦୀପଙ୍କର ବୋଲି ଜଣାପଡିଥିଲା । ଗତକାଲି ବିଳମ୍ବିତ ରାତିରେ ରାଜଦୀପଙ୍କ ମୃତଦେହ ଗ୍ରାମରେ ପହଂଚିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା ।

ସେଲ୍, ଆରଏସପିର ସ୍ୱଚ୍ଛତା ସ୍ୱାଭିମାନ ଦଳ ଦ୍ୱାରା ଆମ୍ବେଦକର ପ୍ରାଙ୍ଗଣରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସମ୍ପନ୍ନ

ରାଉରକେଲା,୨୦/୪(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ସ୍ୱଚ୍ଛତା ପଦକ୍ଷେପ ଅଧୀନରେ ଗଠିତ ସ୍ୱଚ୍ଛତା ସ୍ୱାଭିମାନ ଦଳ ଆମ୍ବେଦକର ପ୍ରାଙ୍ଗଣରେ ସ୍ୱଚ୍ଛତା ଏବଂ ସାମୁହିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଉଛନ୍ତି। ନଗର ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ବିଭାଗ ର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭାଙ୍ଗରେ ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ତିନୋଟି ସ୍ୱଚ୍ଛତା ସ୍ୱାଭିମାନ ଦଳ ଯଥା ଏସସି/ଏସଟି ଫେଡେରେସନ୍ ସ୍ୱଚ୍ଛତା ସ୍ୱାଭିମାନ, ସେକ୍ଟର-୧୬ର କ୍ଲିନ୍ ଆଣ୍ଡ୍ ଗ୍ରୀନ୍ ଟିମ୍ ଏବଂ ସେକ୍ଟର-୧୮ର ସମଲେଶ୍ୱରୀ ସ୍ୱଚ୍ଛତା ଟିମ୍‌ର ପ୍ରାୟ ୫୦ ଜଣ ସଦସ୍ୟ ସ୍ୱେଚ୍ଛାକୃତ ଭାବରେ ସ୍ୱଚ୍ଛତା ଅଭିଯାନ ଏକତ୍ରିତ ହୋଇ ଥିଲେ। ଏହି ଅଭିଯାନରେ ଡକ୍ଟର ଲାଭାଙ୍ଗରେ ଏବଂ ନଗର ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଂଟ ମ୍ୟାନେଜର ଶ୍ରୀ ରସାନନ୍ଦ ପ୍ରଧାନ ଙ୍କ ଦ୍ୱାରା ମିଳିତ ଭାବରେ ସ୍ୱଚ୍ଛତା ଉପରେ ଏକ ଆଲୋଚନା କରାଯାଇଥିଲା, ଯାହା ସ୍ୱଚ୍ଛତା ଅଭ୍ୟାସ ଏବଂ ପରିମଳ ବ୍ୟବସ୍ଥା ପ୍ରତି ସାମୂହିକ ଦାୟିତ୍ୱ ଉପରେ ଆଧାରିତ ଥିଲା । ଏଥିରେ ଡକ୍ଟର ଦୀପା ଲାଭାଙ୍ଗରେ ଏକ ସୁସ୍ଥ ସମାଜ ପାଇଁ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅଭିଯାନରେ ପାର୍କ ପରିସର ଭିତର ଏବଂ ବାହାରେ ସ୍ୱଚ୍ଛତା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ରାସ୍ତା, ଲନ୍, ଉଦ୍ୟାନ ଏବଂ ଆଖପାଖ ଅଚଂଳ ସଫାସୁତୁରା କରାଯାଇଥିଲା। ସଚେତନତା ପଦକ୍ଷେପର ଏକ ଅଂଶ ସ୍ୱରୂପ ଅଂଶଗ୍ରହଣକାରୀମାନେ ନିକଟସ୍ଥ ଦୋକାନଗୁଡ଼ିକୁ ମଧ ପରିଦର୍ଶନ କରିବା ସହିତ ଦୋକାନୀମାନଙ୍କୁ ସେମାନଙ୍କ ଆଖପାଖ ପରିସର ସଫା ରଖିବାର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସ ସି / ଏସ ଟି ଫେଡେରେସନ ସ୍ୱଚ୍ଛତା ସ୍ୱାଭିମାନ ଗ୍ରୁପ୍ ଦ୍ୱାରା ସଂଯୋଜନା କରାଯାଇଥିଲା।